ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଛାତ୍ର ବୃତ୍ତି ପାଇଁ ୧୪ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ

କାଳିଆପାଣି,୯।୧(ଡି.ଏନ.ଏ.):୨୦୨୨ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ବୃତ୍ତି ପରୀକ୍ଷାରେ ସୁକିନ୍ଦା ବ୍ଲକରୁ ୧୪ ଛାତ୍ରୀଛାତ୍ର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୃତୀୟ ଶ୍ରେଣୀ ପାଇଁ ସୁକିନ୍ଦାର ଭାରତୀୟ ଶିଶୁ ବିଦ୍ୟା ନିକେତନରୁ ଅଂଶୁମାନ ଦ୍ୱିବେଦୀ, ବିଶ୍ୱଜିତ ଦ୍ୱିବେଦୀ, ୫ମ ଶ୍ରେଣୀରେ ଅର୍ଜ୍ଜୁନ ମହାନ୍ତ, କୁହିକା ମହାଗିର ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅଂଶୁମାନ ବାରିକ, ସୌମ୍ୟ ରଞ୍ଜନ ପାତ୍ର , ୫ ଶ୍ରେଣୀ ପାଇଁ ଅମରଜିତ୍ ମୁଣ୍ଡା କୃତକାର୍ଯ୍ୟ ହୋଇଥିବା ବେଳେ ମାଧପୁର ସରସ୍ୱତୀ ଶିଶୁ ମନ୍ଦିରରୁ ଯାଜ୍ଞସେନୀ ସାହୁ, ଡୁବୁରୀ ଅରବିନ୍ଦ ଇଣ୍ଟେଗ୍ରାଲ ସ୍କୁଲରୁ ମହେଶ୍ୱର ପାତ୍ର, ଗନ୍ଧାପାଳ ସ୍କୁଲରୁ ସ୍ମୃତି ରଞ୍ଜନ ସାହୁ, ଡୁବୁରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଭାରତ ଗୌରବ ମହାନ୍ତ, ପିଙ୍ଗଲ ପ୍ରାଥମିକ ବିଦ୍ୟାଳୟରୁ ଜ୍ୟୋତି ରାଣୀ ବେହେରା, ସୁକିନ୍ଦା ଜଗନ୍ନାଥ ହାଇସ୍କୁଲରୁ ସାଇସ୍ନେହା ସାମଲ, କଇଥା ବନଦୁର୍ଗା ପ୍ରାଥମିକ ବିଦ୍ୟାଳୟରୁ ପୂର୍ଣ୍ଣମାଶ୍ରୀ ଓଝା, ଅଶୋକଝର ସ୍କୁଲରୁ ଓମ୍ ପ୍ରକାଶ ସିଂ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ପ୍ରକାଶ କରିଛନ୍ତି।

### ବାରବାଟୀରେ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,୯।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ବାରବାଟୀ ପଡ଼ିଆରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ଅବସରରେ ସୋମବାର ଏକ ପ୍ରସ୍ତୁତି ବୈଠକ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟିର ସଭାପତି ରମାକାନ୍ତ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକକୁ ସଞ୍ଚାଳନା କରିଥିଲେ ସାମାଜିକ କର୍ମୀ ଅଶୋକ କୁମାର ସାମଲ। ପ୍ରାରମ୍ଭରେ ପ୍ରଭାତ କୁମାର ନନ୍ଦ ବେଦ ପାଠ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଡ଼ିଏଫଓ ଅଲେଖ ଚନ୍ଦ୍ର ସାମଲ, ବିଶିଷ୍ଟ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ, ଦିନବନ୍ଧୁ ବେହେରା, ପ୍ରଶନ୍ନ କୁମାର ପରିଡ଼ା, ଚିନ୍ତାମଣୀ ସାହୁ, ବିଚିତ୍ରା ନନ୍ଦ ସାମଲ, ବିକ୍ରମ କେଶରୀ ପ୍ରଧାନ, ପ୍ରଫୁଲ୍ଲ କୁମାର ନାୟକ, ଭଜ ବିହାରୀ ପରିଡ଼ା, ପ୍ରଫୁଲ୍ଲ କୁମାର ନନ୍ଦ, ପ୍ରମୋଦ କୁମାର ଜେନା ଓ ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗାଙ୍ଗୀ ପୀଠର ପୀଠାଧୀଶ କୌସ୍ତୁଭ ବ୍ରହ୍ମଚାରୀ ଓ ଲଙ୍ଗୁଳି ମଠର ମଠାଧିସ ପର୍ଶୁରାମ ଦାସ ଆଶ୍ରୀବଚନ ପ୍ରଦାନ କରିଥିଲେ। ଯଜ୍ଞର ପୁରୋଧା ତଥା ଯୁଗ୍ମ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରବି ପ୍ରସାଦ ସାମଲ ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ସାଇଶ୍ରୀ ପ୍ରଥମ



କଳିଙ୍ଗନଗର,୯।୧(ଡି.ଏନ୍.ଏ.)-ଯାଜପୁର ଜିଲା ବ୍ୟାସନଗରର ସହରର ୮ମ ଶ୍ରେଣୀ ଛାତ୍ରୀ ସାଇଶ୍ରୀ ରାୟ ରବିବାର କଟକ କଳା ନିକେତନରେ ଆୟୋଜିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ସାଇଶ୍ରୀ ଜଣେ ମେଧାବୀ ଛାତ୍ରୀ। ଏଥି ସହିତ ସେ ଜଣେ ଭଲ ନୃତ୍ୟ ଶିଳ୍ପୀ ବୋଲି ତାଙ୍କ ସହପାଠିନୀମାନେ କହିଛନ୍ତି। ସେ ଭବିଷ୍ୟତରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଓଡ଼ିଶାର ନାମ ରଖିବେ ବୋଲି କହିଛନ୍ତି।

### ପୁଅ ଶୋଇଥିବା ବେଳେ ନିଆଁ ଲଗାଇଦେଲେ ବାପା

ଔପଦା, ୯।୧: ବାଲେଶ୍ୱର ଜିଲା ଔପଦା ଥାନା ଟିପୁରା ଗ୍ରାମରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ରାତିରେ କବାଟ ବନ୍ଦ କରି ପୁଅ ଶୋଇଥିବା ବେଳେ ବାପା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପୁଅ ଚିତ୍କାର କରିବାରୁ ପରିବାର ଲୋକେ ଦରପୋଡା ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

# ୧ ମାସ ପରେ ବି ବିଦ୍ୟୁତ୍ ସଂଯୋଗ ହେଲାନି

## ଗ୍ରୀଡ୍ ଅଫିସ ଘେରାଉ, ରାସ୍ତା ଅବରୋଧ

କାଳିଆପାଣି,୯।୧(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କଲରଙ୍ଗୀ ଗ୍ରାମରେ ୧ ମାସରୁ ଉର୍ଦ୍ଧ୍ୱ ହେବ ବିଦ୍ୟୁତ୍ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଛି। ଏହାର ପ୍ରତିବାଦ ତଥା ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି କରି ସୋମବାର କଲରଙ୍ଗୀ ଗ୍ରାମବାସୀ ସ୍ଥାନୀୟ ଗ୍ରୀଡ୍ ଘେରାଉ କରିବା ସହ ଟମ୍କା-ମଙ୍ଗଳପୁର ରାସ୍ତାକୁ ଅବରୋଧ କରି ଧାରଣା ଦେଇଥିଲେ। ପୂର୍ବରୁ ଶତାଧିକ ଗ୍ରାମବାସୀ କାଳିଆପାଣିସ୍ଥିତ ଟାଟା ପାୱାର କାର୍ଯାଳୟ ସମ୍ମୁଖରେ ଏକତ୍ରିତ ହୋଇ ୧ ସପ୍ତାହ ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଲିଖିତ ଭାବେ ଦାବିପତ୍ର କରିଥିଲେ । ଦାବି ପୂରଣ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶତାଧିକ ଗ୍ରାମବାସୀ କଲରଙ୍ଗୀଗ୍ରୀଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଟମ୍କା-ମଙ୍ଗଳପୁର ରାସ୍ତାରେ ଧାରଣା ଦେଇଥିଲେ । ଏ ସଂକ୍ରାନ୍ତରେ ଖବର ପାଇ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ । ହେଲେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସି ରହିବେ କହିଥିଲେ । ଏହାପରେ ଏସ୍‌ଡିଓ ବବୁଲ ମହାରଣାଙ୍କ ସହ ଯୋଗାଯୋଗ କରାଯାଇଥିଲା । ତୁରନ୍ତ ବିଦ୍ୟୁତ୍ ଟ୍ରାନ୍ସଫରମର ସଂଯୋଗ କରିବା ପାଇଁ ସେ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ ।

ସୂଚନାଯୋଗ୍ୟ, କାଳିଆପାଣିସ୍ଥିତ ଟାଟା ପାୱାର ଗ୍ରୀଡ୍ ଅଧୀନରେ କଲରଙ୍ଗୀ ଗ୍ରାମର ଶତାଧିକ ଉପଭୋକ୍ତା ରହିଛନ୍ତି। ଗତ ୧ ମାସ ହେବ ଗ୍ରାମକୁ ସଂଯୋଗ କରୁଥିବା ଟ୍ରାନ୍ସଫରମରକୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ । ସେଦିନଠାରୁ ଗ୍ରାମବାସୀ ରାତିରେ ଅନ୍ଧାର ରହୁଛନ୍ତି । ଅଧିକାଂଶ ଡିବିରୀ ଆଲୁଅରେ ପିଲାଛୁଆଙ୍କୁ ପାଠ ପଢାଉଛନ୍ତି । ଏ ସଂକ୍ରାନ୍ତରେ ଟାଟା ପାୱାର ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରିଥିଲେ। ସମସ୍ତ ଉପରୋକ୍ତ ବକେୟା ବିଦ୍ୟୁତ୍ ବିଲ୍ ପଇଠ କରିସାରିଛନ୍ତି । ହେଲେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇନି । ଏନେଇ ଏସ୍‌ଡିଓ ମହାରଣାଙ୍କ ସହ ଯୋଗାଯୋଗ କରାଯାଇଥିଲା । ଆମେ ଖୁବ୍ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରିବୁ ବୋଲି ସେ କହିଛନ୍ତି ।



ଗ୍ରୀଡ୍ ଅଫିସ୍ ଘେରାଉ କରିଛନ୍ତି ଉପଭୋକ୍ତା ।

# ଗଙ୍ଗାଧରପୁର, ହରିଦାସପୁର ବିଜୟୀ

## କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଧର୍ମଶାଳା,୯।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ କଣ୍ଟାମାଳିଆ ଖେଳପଡିଆରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚରେ ପାଖର ଟିମ୍‌କୁ ୧୫୨ ରନରେ ଗଙ୍ଗାଧରପୁର ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ କ୍ଷେତ୍ରପାଳ ଟିମ୍‌କୁ ୧୭ ରନରେ ପରାସ୍ତ କରି ହରିଦାସପୁର ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଗଙ୍ଗାଧରପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୨୩୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରଞ୍ଜନ କୁମାର ବିଶ୍ୱାଳ ୧୦୧ ରନ ଓ ସତ୍ୟପ୍ରକାଶ ଜେନା ୬୫ ରନ କରିଥିଲେ। ବିପକ୍ଷ ପାଖର ଟିମର ବିପ୍ଳବ ନାୟକ ୩ଟି ଓ ବାଦଲ ନାୟକ ଗୋଟିଏ ଉଇକେଟ ନେଇଥିଲେ । ଜବାବ୍‌ରେ ପାଖର ଟିମ୍ ବ୍ୟାଟି କରି ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୩ରନ କରି ପରାସ୍ତ ହୋଇଛି । ଦଳପକ୍ଷରୁ ନିଶିକାନ୍ତ ଖିଲାର ୩୦ରନ ଓ ବାଦଲ ମଲିକ ୧୯ରନ କରିଥିଲେ। ବିପକ୍ଷ ଗଙ୍ଗାଧରପୁର ଟିମ୍‌ର ଦେବାଶିଷ ମହାରଣା ୩ଟି ଓ ଅରୁଣ ଜେନା ୨ଟି ଉଇକେଟ ନେଇଥିଲେ । ଦ୍ୱିତୀୟ ମ୍ୟାଚରେ ହରିଦାସପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୫୪ରନ କରିଥିଲା। ଦଳପକ୍ଷରୁ ଅଙ୍କିତ ସାମଲ ୪୪ରନ ଓ ସୁଧାଂଶୁ ଶେଖର ବରାଳ ୪୦ରନ କରିଥିଲେ। ବିପକ୍ଷ କ୍ଷେତ୍ରପାଳ ଟିମ୍‌ର ରକି ଦାସ ୫ଟି ଓ ରଞ୍ଜିତ ଦାଶ ୨ଟି ଉଇକେଟ ନେଇଥିଲେ। ଜବାବ୍‌ରେ କ୍ଷେତ୍ରପାଳ ଟିମ୍ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୧୩୭ ରନ କରି ପରସ୍ତ ହୋଇଥିଲେ । ଦଳ ପକ୍ଷରୁ ବିନାୟକ ପଣ୍ଡା ୪୯ରନ ଓ ରଞ୍ଜିତ ଦାଶ ୩୪ ରନ କରିଥିଲେ। ବିପକ୍ଷ ଦଳର ବିକ୍ରମ ସାହୁ ଓ ସ୍ମୃତି ରଞ୍ଜନ ସାହୁ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଉଭୟ ମ୍ୟାଚକୁ ସିଦ୍ଧାର୍ଥ ମହାନ୍ତି, ପ୍ରମୋଦ ନାୟକ ଓ ନିକୁଞ୍ଜ ବେହେରା ପରିଚାଳନା କରିଥିଲେ । ଆସନ୍ତାକାଲି ପ୍ରଥମ ମ୍ୟାଚ୍ ଆରୁହା ସହିତ ରାଇଛନ୍ଦା ଓ ଦ୍ୱିତୀୟ ମ୍ୟାଚ୍ କୁମାରୀ ଓ କଣ୍ଟିଗଡିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି ।

# କଟିକଟା, ଅହିୟାସ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ଝୁମ୍ପୁରୀ,୯।୧(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ କଟିକଟା ଓ ଅହିୟାସ ସମବାୟ ସମିତିରେ ସୋମବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ କଟିକଟା ସମବାୟ ଅଫିସ୍ ପରିସରରେ ଆୟୋଜିତ ଉତ୍ସବରେ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ । ସମିତିର ସମ୍ପାଦକ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ସମବାୟ ସମିତି ସଭାପତି ନାରାୟଣ ଚନ୍ଦ୍ର ସାହୁ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ କୁମାର ନାୟକ, ସମିତି ସଭ୍ୟ ବିଜୟ କୁମାର ନାୟକ, କଟିକଟା ସରପଞ୍ଚ କାଞ୍ଚନବାଳା ପରିଡ଼ା, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ପୂର୍ବତନ ସରପଞ୍ଚ ରମେଶ ଦାସ, ରଘୁନାଥ ପରିଡ଼ା, ଇଜାପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ଜେନା, ଅକରପଡ଼ା ସମବାୟ ସମିତି ସଭାପତି ଲକ୍ଷ୍ମୀନାରାୟଣ ସୁନ୍ଦରରାୟ, ଏଆରସିଏସ୍ ଅଫିସ୍ ଆଡ଼ିମିନିଷ୍ଟ୍ରେଟର ମଣିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସେହିପରି ଅହିୟାସ ସମବାୟ ସମିତି ପକ୍ଷରୁ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ବଡ଼ଖୁଆ ପଡ଼ିଆଠାରେ ଏହି ଧାନମଣ୍ଡିର ଶୁଭାରମ୍ଭ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଦାସ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମବାୟ ସମିତି ସମ୍ପାଦକ ସୁବାସ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବ୍ଲକ୍ ଅଧକ୍ଷ ଦିଗାମ୍ବର ମଲ୍ଲିକ, ସମବାୟ ସମିତି ସଭାପତି ପ୍ରିୟବ୍ରତ ମହାନ୍ତି, ଦୁଦୁରାଅଣ୍ଟା ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ସେଠୀ, ମଲ୍ଲିକାପୁର ସରପଞ୍ଚଙ୍କ ପ୍ରତିନିଧି ସ୍ୱପ୍ନେନ୍ଦୁ ଦାସ, କସପା ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ନାୟକ ପ୍ରମୁଖ ଯୋଗଦେଇଥିଲେ ।



କଟିକଟା ସମବାୟ ସମିତି ଧାନମଣ୍ଡିକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ସିଂହପୁରରେ ଧାନମଣ୍ଡି ଖୋଲିଲା

ସିଂହପୁର,୯।୧(ଡି.ଏନ.ଏ.)

ବିଂଝାରପୁର ବ୍ଲକ ଅଧୀନ ସିଂହପୁର କୃଷି ସେବା ସମବାୟ ସମିତିରେ ରବିବାର ଏକ ଧାନମଣ୍ଡି ଖୋଲିଛି। ସମିତିର ସଭାପତି ବୈଷ୍ଣବ ଚରଣ ସାମଲ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତିର ସମ୍ପାଦକ ଉତ୍କଳ ସାମଲ ଏହି କାର୍ଯ୍ୟକ୍ରମକୁ ପରିଚାଳନ କରିବା ସହ ଚାଷୀମାନେ ସୁବିଧାରେ ତଥା ସରକାରୀ ଦରରେ ଧାନ ବିକ୍ରି କରି ପାରିବେ ବୋଲି କହିଥିଲେ। ପ୍ରଥମ ଦିବସରେ ୧୩ଜଣ ଚାଷୀ ୪୮୬କୁଇଣ୍ଟାଲ ୪୪କେଜି ଧାନ ବିକ୍ରୟ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ବରୁଣେଇ କୃଷି ସମବାୟ ସମିତିର ସମ୍ପାଦକ ମାନସ ରଞ୍ଜନ କବି, ସିଂହପୁର ସମିତିର ଚାଷୀ କମିଟିର ସଦସ୍ୟ ଭାଗବତ ନାୟକ, ଅଭୟ ଧଳ, ଅଭୟ ଦାସ, ଗୋପାଳ ପ୍ରଧାନ, ସର୍ବେଶ୍ୱର ବେହେରା, ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମିତିର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ସିମିଳିଆ ପଞ୍ଚାୟତରେ ଖୋଲିଲା ଧାନମଣ୍ଡି

ଯାଜପୁର ଟାଉନ,୯।୧(ଡି.ଏନ.ଏ.)

ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତରେ ଥିବା ପ୍ରାଥମିକ କୃଷି ସମବାୟ ସମିତିର ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁରର ଅତିରିକ୍ତ ଉପନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସିମିଳିଆ ପ୍ରାଥମିକ କୃଷିସମବାୟ ସମିତିର ସଭାପତି ଶରତ ଚନ୍ଦ୍ର ସାହୁ, ବରୁହାଁ ସେବା ସମବାୟ ସମିତିର ସଭାପତି ବ୍ରଜକିଶୋର ପାଢ଼ୀ, ସେକ୍ରେଟାରୀ ବିଚିତ୍ରାନନ୍ଦ ବେହେରା, ଉପସଭାପତି ପ୍ରଭାତ ପତି, ଡାରେକ୍ଟର ନରେନ୍ଦ୍ର ପରିଡ଼ା, ଉପେନ୍ଦ୍ର ସାମଲ, ନରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସିମିଳିଆ, ମେରକାହସନପୁର, ଷଠିଆଟିକିରି, ଗୋଠପୁର, ନଖେଇ, ଦରସାପୁର, ଗୌଡ଼ସାହି ଆଦି ଗ୍ରାମର ୩୧୬ ଜଣ ଚାଷୀ ଖରିଫ୍ ଧାନ ଦେବା ପାଇଁ ଏହି ସମବାୟ ସମିତିରେ ନିଜ ନାମ ପଞ୍ଜିକରଣ କରିଛନ୍ତି। ପ୍ରଥମ ଦଫାରେ ଜିଲା ଯୋଗାଣ ବିଭାଗ ୬ ହଜାର କୁଇଣ୍ଟାଲ ଧାନ ଚାଷୀମାନଙ୍କଠାରୁ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ପ୍ରାୟ ୧୬ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ



କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ପ୍ରତିଯୋଗୀ ।

ରସୁଲପୁର,୯।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତର ବିଭିନ୍ନ କ୍ରୀଡ଼ାଦଳକୁ ନେଇ ସୋମବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେଉଛି । ଓଡ଼ିଶାରେ ହକି ବିଶ୍ୱକପ୍ ଆୟୋଜନ କରାଯାଉଥିବାରୁ ଖେଳର ବାତାବରଣରେ ଉଷ୍ମତା ବଜାଇ ରଖିବା ପାଇଁ ଏପରି ପ୍ରୟାସ କରାଯାଉଛି । ଏହି କ୍ରମରେ ପ୍ରଥମେ ପଞ୍ଚାୟତ ଓ ପରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ ହୋଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ପଞ୍ଚାୟତରୁ ୨ଶହରୁ ଉର୍ଦ୍ଧ୍ୱ କବାଡି, ଭଲି, ଖୋ-ଖୋ, ଫୁଟବଲ ଖେଳାଳି ଅଂଶ ଗ୍ରହଣ କରିଛନ୍ତି । ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ ଉଦ୍‌ଘାଟନ କରିଥିଲେ । ରସୁଲପୁର ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଜେନା, ସ୍ଥାନୀୟ ସରପଞ୍ଚ ପ୍ରଜ୍ଞାପରମିତା ମଲ୍ଲିକ, ସମିତିସଭ୍ୟ ନରୋତ୍ତମ ସାହୁ ପ୍ରମୁଖ ଯୋଗଦେଇଥିଲେ । ଖେଳର ନିୟମାବଳୀ ସମ୍ପର୍କରେ ଏବିଡିଓ ମିଶ୍ର ସୂଚନା ପ୍ରଦାନ କରିଥିଲେ । ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଭଲିବଲ୍ ଟୁର୍ନାମେଣ୍ଟରେ ଓଡିଶୋ, ସିଂହାପୁର, ମୁଗୁପାଳ ଆଦି ପଞ୍ଚାୟତ ଅଗ୍ରଣୀ ଲାଭ କରିଥିବା ବେଳେ କବାଡି ପ୍ରତିଯୋଗିତାରେ ରାହାମ୍ଭା, ରସୁଲପୁର, ବଡକଇଁଚି, ବାହଦଲାପୁର ପଞ୍ଚାୟତର ଖେଳାଳିମାନେ ଅଗ୍ରଣୀ ଅଛନ୍ତି । ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# କଂଗ୍ରେସକୁ ଦୃଢ଼ କରିବାକୁ ଯୁବନେତାଙ୍କୁ ଆହ୍ୱାନ

ବରୀ,୯।୧(ଡି.ଏନ.ଏ.)

ବରୀ କଂଗ୍ରେସ ତରଫରୁ ସ୍ଥାନୀୟ ବରୀପାଳଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଇଂ. ଅମରେଶ ପରିଡ଼ାଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ୍‌ର ୨୯ ପଞ୍ଚାୟତରୁ ଶତାଧିକ ଯୁବ, ଛାତ୍ର ଓ ଦଳର ଛାମୁଆ କର୍ମୀ ଯୋଗଦେଇ ଆଗାମୀ ଦିନରେ କଂଗ୍ରେସର ସଙ୍ଗଠନକୁ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ଆଗକୁ କି ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ବରୀ କଂଗ୍ରେସ ନେତା ଉମେଶ ଜେନା ଦଳ ଛାଡି ଭାଜପାରେ ଯୋଗଦେବା ପରେ ନେତୃତ୍ୱ ସଙ୍କଟ ଦେଖା ଦେଇଥିଲା। ବିଶେଷକରି ଉକ୍ତ ବ୍ଲକ୍‌ରେ କଂଗ୍ରେସର ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବା ବେଳେ ଯୁବ ନେତାମାନେ ଆଗକୁ ଆସି କଂଗ୍ରେସ ଦଳର ମଙ୍ଗ ଧରନ୍ତୁ ବୋଲି ଆହ୍ୱାନ କରାଯାଇଥିଲା । ଯୁବନେତାମାନେ ନେତୃତ୍ୱ ନେଲେ ଦଳ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିବ ବୋଲି ରାଜନୈତିକ ପଣ୍ଡିତମାନେ ମତ ରଖିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରତିକାନ୍ତ ବେହେରା, ଜନ୍ମେଜୟ ସାମଲ, ଶାରଦା ପ୍ରସନ୍ନ ରାୟ, ପ୍ରମୋଦ କୁମାର ଭୂୟାଁ, ରଶ୍ମିକାନ୍ତ ନାୟକ, ପ୍ରଶାନ୍ତ କୁମାର ଜେନା, ଚନ୍ଦନ ମଲିକ, ସାଗର ମିଶ୍ର ପ୍ରମୁଖ ଶତାଧିକ ଯୁବ ଛାତ୍ର କର୍ମୀ ଉପସ୍ଥିତ ଥିଲେ।




ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା କଂଗ୍ରେସ କର୍ମୀ ।

# ଯାଜପୁର ଜିଲାରେ ୩ ଥାନା ଲୋକାର୍ପିତ

## ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ

ବିଞ୍ଝାରପୁର/ଝୁମ୍ପୁରୀ/ ବ୍ରହ୍ମବରଦା,୯।୧(ଡି.ଏନ୍.ଏ)

ଯାଜପୁର ଜିଲାର ୩ଟି ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଦଶରଥପୁର, ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଓ ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ଥାନା ଲୋକାର୍ପିତ ହୋଇଛି । ଦଶରଥପୁର ଡାକବଙ୍ଗଳା ପରିସରରେ ପ୍ରତିଷ୍ଠା ହୋଇଥିବା ଏହି ନୂତନ ଥାନାକୁ ଯାଜପୁର ଏସ୍.ପି. ଭିନିଥ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ମଙ୍ଗଳପୁର ଥାନାଧିକାରିଣୀ ରୀନାରାଣୀ ସାହୁଙ୍କ ଅଧକ୍ଷତାରେ ନୂତନ ଥାନା ପରିସରରେ ଆୟୋଜିତ ଉତ୍ସବରେ ଏସ୍‌ପି ଅଗ୍ରୱାଲ ଯୋଗଦେଇ ଲୋକମାନଙ୍କ ସୁରକ୍ଷା ପୋଲିସର ପ୍ରାଥମିକତା ହେବା ସହ ସାଧାରଣ ଲୋକେ ଯେପରି ପୋଲିସଠାରୁ ସଠିକ୍ ନ୍ୟାୟ ପାଇପାରିବେ ସେଥିପ୍ରତି ପୋଲିସ ସବୁବେଳେ ଯତ୍ନବାନ ହେବା ଉଚିତ୍ ବୋଲି କହିଥିଲେ । ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ସାମାଜିକ କର୍ମୀ ଜୟନ୍ତ କୁମାର ନାୟକ ଉପସ୍ଥିତ ଥିଲେ ।

ସେହିପରି ଅଳକୁଣ୍ଡ ଥାନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଯାଜପୁର ଅତିରିକ୍ତ ଏସ୍‌ପି ନାରାୟଣ ଚନ୍ଦ୍ର ବାରିକ ଯୋଗ ଦେଇ ଜନସାଧାରଣଙ୍କ ସୁରକ୍ଷା ଏବଂ ସେବାକୁ ପୋଲିସ ସର୍ବଦା ଗୁରୁତ୍ୱ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ବିଞ୍ଝାରପୁରବାସୀଙ୍କ ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜିତ ମହାନ୍ତି ଉପସ୍ଥିତ ଥିଲେ।

ବ୍ରହ୍ମବରଦା ଥାନା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଯୋଗଦେଇଥିଲେ। କଳିଙ୍ଗ ନଗର ଅତିରିକ୍ତ ଏସ୍‌ପି ଏସ୍.ଟପୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ୩୬ନଂ. ଜିଲାପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ୩୧ନଂ. ବିନୋଦ କୁମାର ମାଝି ଓ ୯ ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ୨୯ର ବ୍ରହ୍ମବରଦା ଫାଣ୍ଡି ଥାନାରେ ପରିଣତ ହୋଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଯାଜପୁର ରୋଡ଼ର ଏସଡିପିଓ ସଞ୍ଜୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଅଳକୁଣ୍ଡ ଥାନା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ପ୍ରମିଳା ମଲ୍ଲିକ୍ ଓ ପୋଲିସ ଅଧିକାରୀ ବୃନ୍ଦ ।

## ବିଦ୍ୟୁତ୍ ଶର୍ଟସର୍କିଟରୁ ଜଳିଗଲା ୨ ବଖରା

ଆଳି,(ଡି.ଏନ.ଏ.) : ବିଦ୍ୟୁତ ଶର୍ଟସର୍କିଟରୁ ନିଆଁ ଲାଗି ସୋମବାର ୨ ବଖରା ଜଳିଯାଇଛି। ଏଭଳି ଘଟିଛି ଆଳି ଥାନା ଅନ୍ତର୍ଗତ ପତ୍ରପୁର ଗାଁରେ। ଅପରାହ୍ନ ୨ ଟାରେ ଗାଁର ସୁଧାଂଶୁ ପରିଡା ଓ ସତ୍ୟଭାମା ପରିଡାଙ୍କ ପରିବାର ଲୋକ ଘରେ ଥିବା ସମୟରେ ହଠାତ ବିଦ୍ୟୁତ ତାର ଶର୍ଟସର୍କିଟରେ ନିଆଁ ଲାଗି ଯାଇଥିଲା। ସେମାନେ ଘରୁ ବାହାରକୁ ପଳାଇ ଆସିବା ପରେ ଗ୍ରାମବାସୀଙ୍କ ସହ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରେ ଆଳି ଓ ପଟାମୁଣ୍ଡାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛନ୍ତି। ଏହି ଅଗ୍ନିକାଣ୍ଡରେ ୨ ବଖରା ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଉଭୟ ପରିବାରକୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଜିଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଆଳି ୯।୧(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାର ୯ଟି ବ୍ଲକର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆଳି ବ୍ଲକରେ ଥିବା ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଆଳିର ବିଧାୟକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିବା ସହ କହିଥିଲେ, ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡାରେ ଭାଗ ନେବା ଆବଶ୍ୟକ। କ୍ରୀଡା ଦ୍ୱାରା ଛାତ୍ରୀଛାତ୍ରମାନେ ଶାରୀରିକ, ମାନସିକ ଭାବେ ନିଜକୁ ସୁସ୍ଥ ରଖିପାରିବେ। ପାଠ ପଢା ସହ କ୍ରୀଡାରେ ମଧ ମନୋନିବେଶ କରିବା ଦରକାର। ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ଆଳି ବ୍ଲକ ଶିକ୍ଷା ଅଧିକାରୀ ମହମଦ ହୁମାୟୁନ, ବିଇଓ ପାବନୀ ରାଉତ, ଜିଲା ଶାରୀରିକ ପରିଦର୍ଶକ ସ୍ମିତା ପ୍ରତିଭା ସାହୁ, ବିଆରସିସି ତଥା ଏବିଇଓ ଉଦକର ସାମଲ, ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଆଳି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ଆଳି, ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ, ଡେରାବିଶ, ମହାକାଳପଡ଼ା, ପାଟକୁରା, ମାର୍ଶାଘାଇ, କେନ୍ଦ୍ରାପଡ଼ାର ୪୨୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଭଲିବଲ, ଖୋ ଖୋ, ବ୍ୟାଡ଼ ମିଣ୍ଟନ, ଫୁଟବଲ ଓ ଯୋଗ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ ଶରତ ସାହୁ, ସୁଶାନ୍ତ ମଲ୍ଲିକ, ନରେନ୍ଦ୍ର ଆଚାର୍ଯ୍ୟ, ପ୍ରିୟ ରଞ୍ଜନ ରାଉତରାୟ, ଧୀରେସ ବେହେରା ଏବଂ ସମସ୍ତ କ୍ରୀଡା ଶିକ୍ଷକମାନେ ପରିଚାଳନା କରିଥିଲେ।

### 'ଭାରତୀୟ ଅର୍ଥନୀତି ଆଜି ଓ କାଲି' ସମ୍ପର୍କିତ ଆଲୋଚନାଚକ୍ର

ବିରିଡି,୯।୧(ଡି.ଏନ.ଏ): ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟରେ ଚାଲିଥିବା ଜାତୀୟ ସେବା ସଂସ୍କାର ଶୀତକାଳୀନ ଶିବିରର ଚତୁର୍ଥ ଦିବସରେ 'ଭାରତୀୟ ଅର୍ଥନୀତି ଆଜି ଓ କାଲିର''ଉପରେ ଏକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ.ବିଶ୍ୱଜିତ ରାୟ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ନଳିନୀ କାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟ ଅର୍ଥନୀତି ବ୍ୟବସ୍ଥାର ପ୍ରଗତି ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ଜାତୀୟ ସେବା ସଂସ୍କାର ସଂଯୋଜକ ଡ.ଅକ୍ଷୟ କୁମାର ଭଦ୍ର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ ଶିବିରାର୍ଥୀମାନେ ଉପସ୍ଥିତ ଥିଲେ ।

# କ୍ଷେତକୁ ଜଳସେଚନ ଚୁଆ ମେଣ୍ଟାଉଛି

- ମହାନଦୀରେ ସମୁଦ୍ର ଲୁଣିପାଣି
- ଭାଗଚାଷୀଙ୍କ ଅର୍ଥ ଅଭାବରୁ ବିନା ବଳଦରେ ଲଙ୍ଗଳ ହଳ
- ବିହନ, ସାର, କୀଟନାଶକ ଖୋଲା ବଜାରରୁ ଚଢ଼ା ଦରରେ କ୍ରୟ କରୁଛନ୍ତି

ମହାକାଳପଡ଼ା,୯।୧ (ଡି.ଏନ.ଏ.)

ମହାନଦୀର ଜଳସ୍ତର କମୁଥିବାରୁ ସମୁଦ୍ର ଜୁଆର ଲୁଣାପାଣି ନଦୀ ମଧକୁ ଚାଲି ଆସୁଛି। ଫଳରେ ଖରାଦିନିଆ ଡାଲୁଅ ଧାନ କରୁଥିବା ଚାଷୀମାନେ ବାଧହୋଇ ଜମି ନିକଟରେ ଛୁଆକରି ଚାଷଜମିକୁ ଜଳସେଚିତ କରୁଛନ୍ତି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ରିହାତି ଦରରେ ଯୋଗାଯାଉଥିବା କୃଷି ଯନ୍ତ୍ରପାତି, ସାର, ବିହନ ଓ କୀଟନାଶକ ମିଳୁନାହିଁ। ଫଳରେ ଗ୍ରାମାଞ୍ଚଳରେ ଚାଷୀମାନେ ସବୁଠାରୁ ବଡ଼ କ୍ଷତି ସହୁଛନ୍ତି। ଏମାନଙ୍କ ଦୁଃଖ ବୁଝିବା ପାଇଁ ସରକାର କୃଷି ବିଭାଗ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ହେଲେ କୃଷି ବିଭାଗ କର୍ମଚାରୀମାନେ ଚାଷକ୍ଷେତକୁ ନ ଯାଇ କାଗଜକଲମରେ ଚାଷୀଙ୍କ ବିକାଶ କରୁଛନ୍ତି। କୃଷକଙ୍କ କି ସମସ୍ୟା ରହିଛି ବିଭାଗ ପାଖରେ ପହଞ୍ଚିପାରୁନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଡାଲୁଅ ଧାନ ଚାଷ କରୁଥିବା ଚାଷୀ ବିହନ, ସାର ଖୋଲା ବଜାରରୁ ଚଢ଼ା ଦରରେ କ୍ରୟକରି ଚାଷ କରୁଛନ୍ତି। ଗରିବ


ଚାଷଜମିକୁ ଚାଷୀ ସେଣା ଦ୍ୱାରା ପାଣି ମଡାଉଛନ୍ତି।

ଚାଷୀମାନେ ଅର୍ଥ ଅଭାବରୁ ଲଙ୍ଗଳ ନିଜେ ଟାଣି ହଳ କରି ଜମି କାଦୁଅ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବରଜ ବାହାକୁଦ ଗ୍ରାମ ନିକଟ ମହାନଦୀ ସଂଲଗ୍ନ ଖରିବାଡ଼ି ପାଳନ୍ଦାରେ। ୫୦ରୁ ଅଧିକ ଭାଗଚାଷୀ ଅଧିକ ଖର୍ଚ୍ଚାନ୍ତ ହୋଇ ଖରାଦିନିଆ ଡାଲୁଅ ଧାନ ଚାଷ କରୁଛନ୍ତି। ଭାଗଚାଷୀ ବଇ ସାମଲ, ଯଦୁ ସାମଲ, ଉପ ଦତ୍ତ, ବିଚି ବେହେରା, ସେକ୍ ମାଜା, ସେକ ପୁଚଙ୍କ କହିଛନ୍ତି, ମାଲିକ ଜମିକୁ ଆମେ ଭାଗ ବଖରା କରି ପରିବାର ପ୍ରତିପୋଷଣ କରୁଛୁ। କୃଷି ବିଭାଗ ପକ୍ଷରୁ ରିହାତି ଦରରେ ବିହନ, ସାର ଓ ଅନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉନାହିଁ। ଆମେ ବାଧହୋଇ ଖୋଲା ବଜାରରୁ ଚଢ଼ା ଦରରେ କ୍ରୟ କରୁଛୁ । ଆଜିକା ଦିନରେ ଦୈନିକ ମଜୁରି ୫ଶହ ଟଙ୍କା, ଖୋଲା ବଜାରରୁ ଚଢ଼ା ଦରରେ ସାର, କୀଟନାଶକ , ବିହନ ଆଦି କିଣି ଚାଷ କରିବା ସହ ମାଲିକଙ୍କୁ ଭାଗ ଧାନ ଦେଇ ଚାଷ କରୁଥିଲେ ହେଁ କିଛି ଲାଭ ହେଉନାହିଁ। ନିକଟରେ ମହାନଦୀର ଲୁଣିପାଣି ଯୋଗୁ ଜଳସେଚନରେ ସମସ୍ୟା ଲାଗି ଚାଷୀମାନେ କ୍ଷେତ ନିକଟରେ ଚୁଆ ଖୋଳି ଟେଣ୍ଡା ଓ ସେଣାରେ ଜମିକୁ ଜଳସେଚନ କରୁଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ ଜିଲା କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦୁଲିଙ୍କୁ ପଚାରିବାରେ ଚାଷୀମାନେ ନିକଟ ଅନ୍‌ଲାଇନ କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ପ୍ରି ବୁକିଂ କରିବା ଓ ପ୍ରାଥମିକ କୃଷି ସମବାୟ ସମିତିରେ ଅଭିଯୋଗ କଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

## ନିଶାମୁକ୍ତ ରାଜନଗର: ୧୨ରେ ତହସିଲ ଅଫିସ ଆଗରେ ଗଣଧାରଣା

ରାଜନଗର, ୯।୧(ଡି.ଏନ.ଏ.)

ରାଜନଗର ବ୍ଲକରେ କିଛି ବର୍ଷ ମଧରେ ନିଶା କାରବାର ବୃଦ୍ଧି ପାଇଛି। ନିଶା କବଳିତ ହୋଇ କେତେକ ପରିବାର ସର୍ବସ୍ୱାନ୍ତ ହୋଇଥିବା ବେଳେ ଅନେକ ପରିବାର ଆର୍ଥିକ ଦୁର୍ଗତିରେ ଜୀବନ ବିତାଉଛନ୍ତି। ଦୁର୍ଘଟଣା ସଂଖ୍ୟା ବଢ଼ିବା ସହ ସାମାଜିକ ଓ ପାରିବାରିକ ବିଶୃଙ୍ଖଳାର ମୁଖ୍ୟ କାରଣ ହେଉଛି ନିଶା। ନିଶାମୁକ୍ତ ରାଜନଗର ଗଠନ ପାଇଁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସହଯୋଗରେ ଦୀର୍ଘଦିନ ହେଲା ଆମେ ମଦଦୋକାନ ଉଚ୍ଛେଦ ପାଇଁ ଦାବି କରି ଆସୁଛୁ। ମାତ୍ର ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ନିଶାମୁକ୍ତ ଗଠନ ପାଇଁ ଆସନ୍ତା ୧୨ତାରିଖରେ ରାଜନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା, ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା କରାଯିବ ବୋଲି ନିଶାମୁକ୍ତ ରାଜନଗରର ଆବାହକ ସମୀର ମିଶ୍ର, ସୌମ୍ୟରଞ୍ଜନ ଜେନା, ରବୀନ୍ଦ୍ର ପଢ଼ିହାରୀ, କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ସୋମବାର ଲିଖିତ ଭାବେ ତହସିଲଦାରଙ୍କୁ ଜଣାଇଛନ୍ତି।

# ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ୧୯୬ ଅଭିଯୋଗ

ରାଜନଗର,୯।୧(ଡି.ଏନ୍.ଏ.)

ରାଜନଗର ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ୧୯୬ଟି ଅଭିଯୋଗର ଶୁଣାଣି କରାଯାଇଛି। ୧୮୦ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗ ଥିଲା। ଏଥିରେ ଅଧିକାଂଶ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ଓ ପାଇଖାନା ସମ୍ପର୍କିତ ଆସିଥିଲା। ଏପରି କି କେତେଜଣ ଗରିବ ଲୋକଙ୍କ ନାମ ପୂର୍ବରୁ ତାଲିକାରେ ଥିବା ବେଳେ ଏବେ ସେମାନଙ୍କ ନ ଥିବା ନେଇ ଅଭିଯୋଗ ଆସିଥିଲା। ବାଘମାରି ପଞ୍ଚାୟତ ଅମରାବତୀ ଗାଁର ଲବ କୁମାର ମାଇତିଙ୍କ ଅଭିଯୋଗ ମୁତାବକ, ସେ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ପାଇ ଘର ନିର୍ମାଣ ଶେଷ କରିଛନ୍ତି। ମାତ୍ର ଏଯାଏ ତାଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମିଳିବାକୁ ଥିବା ମଜୁରି ଅର୍ଥ ମିଳିନାହିଁ। ବାରମ୍ବାର ଅଭିଯୋଗ ପରେ ବି ତାଙ୍କୁ ଏହି ଅର୍ଥ ମିଳୁନାହିଁ। ଅମରାବତୀ ଗାଁର ଭାଗୀରଥି ଗିରି ବାରମ୍ବାର ପାଇଖାନା ପାଇଁ କାଗଜପତ୍ର ଦେଇଥିଲେ ମଧ ତାଙ୍କୁ ମିଳୁନାହିଁ କିମ୍ବା ପ୍ରଧାନମନ୍ତ୍ରୀ ଆବାସ



ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ଯୋଜନାର ମଜୁରି ଅର୍ଥ ପାଉ ନ ଥିବା ନେଇ ଅଭିଯୋଗ କରିଛନ୍ତି। ସେହିପରି ବଡ଼ଓଲରା ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ତାଙ୍କ ଅଙ୍ଗନୱାଡି କେନ୍ଦ୍ରର ନଳକୂପରୁ ୨ବର୍ଷ ହେଲା ଲୁଣିପାଣି ବାହାରୁଛି। ଏହି କୂପକୁ ବିଭାଗ ପକ୍ଷରୁ ଅଚଳ ଘୋଷଣା କରାଯାଇଛି। ମାତ୍ର ଆଜିଯାଏଁ ଅଙ୍ଗନୱାଡି ପରିସରରେ ନଳକୂପ ବସାଯାଉନାହିଁ। ସମସ୍ତଙ୍କୁ ଭେଟିଲା ପରେ ମଧ କେହି ଆମ କଥା ଶୁଣୁନାହାନ୍ତି ବୋଲି ବଡ଼ଓଲରା ଗାଁର ସୁଶାନ୍ତ କୁମାର କୁଣ୍ଡ, ଅନାଦି ପ୍ରଧାନ, ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଶିବିରରେ କୁରଣ୍ଟି ପଞ୍ଚାୟତର ବାଇଧର ପ୍ରଧାନ, ଅକ୍ଷୟ ରାଉତ, ସମୀର ପ୍ରସନ୍ନ ସାହୁ, ବାସନ୍ତୀ ରାଉତ ପ୍ରମୁଖ ଜିଲାପାଳଙ୍କୁ ଭେଟି ପଞ୍ଚାୟତରେ କାମ ନ କରାଯାଇ ଫଲ୍ସ ବିଲ୍ କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ନ ନେଲେ ଆସନ୍ତା ୧୧ ତାରିଖଠାରୁ ଆମରଣ ଅନଶନରେ ବସିବେ ବୋଲି କହିଥିଲେ। ଏବେ ସୁଦ୍ଧା କୁରୁଣ୍ଟି ପଞ୍ଚାୟତର ସରପଞ୍ଚ କାରଣ ଦର୍ଶାଅ ନୋଟିସର ଦେଇଥିବା ଉତ୍ତର ସହ ଫାଇଲ ଦେବାକୁ ଜିଲାପାଳ ପିଡି ଡିଆର୍‌ଡିଏଙ୍କୁ କହିଥିଲେ। ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଭିଯୋଗକାରୀଙ୍କୁ କହିଥିଲେ। ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସଦର ଡିଏସ୍‌ପି ସସ୍ମିତା ବେହେରା, ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨ୟ କ୍ୱାର୍ଟରରେ ଯାଜପୁରକୁ ହରାଇ ଭଦ୍ରକ ବିଜୟୀ

### ସର୍ବଭାରତୀୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ

ରାଜନଗର, ୯।୧(ଡି.ଏନ.ଏ.)

ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ସର୍ବଭାରତୀୟ ସ୍ତରୀୟ ୪୧ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଛି। ଏହି ଖେଳର ସୋମବାର ଦ୍ୱିତୀୟ କ୍ୱାର୍ଟରରେ ଯାଜପୁର ଇଲେଭେନ ଷ୍ଟାରକୁ ୬ ଉଇକେଟରେ ହରାଇ ପିସିଏ ଭଦ୍ରକ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଯାଜପୁର ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ କରିଥିଲା। ୧୫୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ପିସିଏ ଭଦ୍ରକ ୧୫.୪ ଓଭରରେ ୪ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଥିଲା। ଦଳର କ୍ଷମା ସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଉତ୍ସବରେ କୁଳଲାଞ୍ଜୁଡା ସରପଞ୍ଚ ସଫଳା ମଲିକ, ଗୋଗୁଆ ସରପଞ୍ଚ ପ୍ରମୋଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୁବାସ ଚନ୍ଦ୍ର ପ୍ରଧାନ ଓ ନିରୋଦ ବଳ ଖେଳ ପରିଚାଳନା କରିଥିଲେ। ଆୟୋଜକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ, କୋଷାଧକ୍ଷ ତପନ ପରିଡା ଓ ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ।

# ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ



ଉତ୍ସବରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ଡେରାବିଶ, ୯।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ବଜାର ନିକଟରେ ପାଟକୁରା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ୍ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ବିଶେଷ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା, ଯୁବବର୍ଗ ଓ ସାଧାରଣ ଲୋକଙ୍କ ପାଇଁ ବହୁ ଲୋକାଭିମୁଖି ଯୋଜନା କାର୍ଯ୍ୟକାରୀ କରି ଆଜି ସମଗ୍ର ଦେଶରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ ସାମଲ, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଥର, ଅରବିନ୍ଦ ମଲିକ, ଧନେଶ୍ୱର ସେଠୀ, ସତ୍ୟାନନ୍ଦ ରାଉତ, ଗରଦପୁର ବ୍ଲକ ବିଜେଡି ସଭାପତି ଶଶାଙ୍କ ଶେଖର ପରିଡ଼ା ପ୍ରମୁଖ ଯୋଗଦେଇ ନୂଆବର୍ଷରେ ସରକାରଙ୍କ ବିଭିନ୍ନ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦୋଳ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ବ୍ଲକ ଆମ୍ବା ଅଧକ୍ଷ ଗଣେଶ୍ୱର ବେହେରା, ସମିତିସଭ୍ୟ ପ୍ରିୟତମା ଦାଶ, ସରପଞ୍ଚ ସୁଧୀର କୁମାର ଖଟୁଆ, ଶଙ୍କର୍ଷଣ ପରିଡ଼ା, ମିତାରାଣୀ ମଲିକ, ଦେବରାଜ ମହାପାତ୍ର, ଗୋଲକ ଚନ୍ଦ୍ର ସାହୁ ପ୍ରମୁଖ କର୍ମୀ ଯୋଗ ଦେଇଥିଲେ।

# ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

## କୁରୁଣ୍ଟି ପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟଙ୍କ ମାସିକ ଭତ୍ତା ଟଙ୍କା ଲୁଟ ଘଟଣା

ରାଜନଗର,୯।୧(ଡି.ଏନ.ଏ.)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କ ମାସିକ ଭତ୍ତା ଟଙ୍କା ସରପଞ୍ଚ ଉଠାଇ ଲୁଟ୍ କରିଥିବା ନେଇ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଇ-ସ୍ୱରାଜ ପୋର୍ଟାଲରେ ଏହି ତଥ୍ୟ ଜାଣିବା ପରେ ୱାର୍ଡ ସଭ୍ୟାସଭ୍ୟମାନେ ବିଡିଓଙ୍କୁ ଭେଟି ଡିସେମ୍ବର ଶେଷ ସପ୍ତାହରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପଞ୍ଚାୟତ ପରିଚାଳନା ପାଇଁ ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟଙ୍କୁ ମାସିକ ୨୪୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଇଥାଏ। ୫ମ ରାଜ୍ୟ ଅର୍ଥ କମିଶନ ଏହି ଅର୍ଥ ଯୋଗାଇ ଦେଇଥାନ୍ତି। କିନ୍ତୁ କୁରୁଣ୍ଟି ସରପଞ୍ଚ ମାସିକ ଭତ୍ତା ବାବଦକୁ ୨୦୨୨ ସେପ୍ଟେମ୍ବର ୨୩ରେ ୪୨,୭୮୦ ଟଙ୍କା ଉଠାଇଥିଲେ ମଧ ୱାର୍ଡ ସଭ୍ୟାସଭ୍ୟମାନେ ଏହି ଅର୍ଥ ପାଇନାହାନ୍ତି। ପଞ୍ଚାୟତର ସୁପ୍ରଭା ଦାସ, ପ୍ରମିଳା ସ୍ୱାଇଁ, ସୁଜାତା ସ୍ୱାଇଁ, ବାସନ୍ତୀ ରାଉତ, କିଶୋର କୁମାର ବିଶ୍ୱାଳ, ଶରତ କୁମାର ରାଉତ, ସୁମିତ୍ରା ରାଉତ, ପୁଷ୍ପାଞ୍ଜଳି ଜେନା, ମାଳତି ନାୟକ ପ୍ରମୁଖ ୱାର୍ଡ ସଭ୍ୟାସଭ୍ୟମାନେ ରାଜନଗର ବିଡିଓଙ୍କୁ ଭେଟି ସେମାନଙ୍କ ଭତ୍ତା ଟଙ୍କା ପାଇ ନ ଥିବା ବେଳେ କିପରି ଅର୍ଥ ଉଠାଇ ନିଆଗଲା, ତା'ର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସୋମବାର ରାଜନଗରଠାରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଶୁଣାଣି ଶିବିର ସମ୍ପର୍କରେ ଜିଲାପାଳଙ୍କୁ କହିଥିଲେ। ତୁରନ୍ତ ସରପଞ୍ଚଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ବିଡିଓଙ୍କୁ ଜିଲାପାଳ ଅମ୍ରିତ୍ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି।

# କେନ୍ଦ୍ରାପଡ଼ାରେ କୁଦାନଗରୀ, ପଟ୍ଟାମୁଣ୍ଡାଇ ସଦର ନୂଆ ଥାନା ଉଦ୍‌ଘାଟିତ



କୁଦାନଗରୀ ଥାନ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମନେ।

ପାଟକୁରା ୯।୧ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ କୋରୁଆଠାରେ ନୂତନ କୁଦାନଗରୀ ଥାନା ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ଉଦ୍‌ଘାଟନ କରିଛନ୍ତି। ଥାନା ପରିସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ରାଜ୍ୟ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି, କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ସମ୍ମାନିତ ଅତିଥି ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର ଉତ୍ସବକୁ ପରିଚାଳନା କରିଥିଲେ। ପାଟକୁରା ଅଞ୍ଚଳରେ ଅପରାଧ ବୃଦ୍ଧି ରୋକିବା ଓ ଆଇନ୍ ଶୃଙ୍ଖଳା ରକ୍ଷା କରିବା ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ମୁଖ୍ୟମନ୍ତ୍ରୀ ବିଚାର କରି କୁଦାନଗରୀ ଫାଣ୍ଡିକୁ ଥାନାର ମାନ୍ୟତା ଦେଇଥିବାରୁ ମନ୍ତ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ। ପାଟକୁରା ଥାନା ଭାରପ୍ରାପ୍ତ ଅଧିକାରୀ ସରୋଜ କୁମାର ସାହୁ ସ୍ୱାଗତ ଭାଷଣରେ କହିଥିଲେ ଯେ, କୁଦାନଗରୀ ଥାନା ଅଧୀନରେ ୧୬ଟି ପଞ୍ଚାୟତ ଅଞ୍ଚଳ ରହିବ। ସେଗୁଡ଼ିକ ହେଲା କଳାବୁଦା, ବନ୍ତଳା, ତଳକୁସୁମା, ପଳସୁଧା, ଟେଣ୍ଡାକୁଡ଼ା, ମଧୁଶାସନ, ବଙ୍ଗାଳପୁର, ତିକନପୁର, ଭଗବାନପୁର, ବଡ଼ବେତରା, ନଡ଼ିଆବରାଇ, ସାନଅଢ଼ଙ୍ଗା, ଆୟୁତପୁର, ଯମପଡ଼ା, ଜଳପୋକ ଓ କରିଲୋପାଟଣା। ଏହି ଥାନା ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ମଠ ମନ୍ଦିର ତଥା ପର୍ଯ୍ୟଟନ କ୍ଷେତ୍ର ଅଛି। ସେଗୁଡ଼ିକ ହେଲା କୁଦାନଗରୀ, ଶୁକପରିକ୍ଷିତ ଆଶ୍ରମ, ହରିହର ପୀଠ ମାହାଳ, କର୍ଣ୍ଣେଶ୍ୱର ମଠ, ଗଦାଧର ପୀଠ, ନରଡ଼ା ସାଇ ମନ୍ଦିର, ଗୋଠେଶ୍ୱର ପୀଠ, ବାୟାବାବା ମଠ, ସକିବଟ ଏତଦ୍‌ବ୍ୟତୀତ ୪ ଟି ମହାବିଦ୍ୟାଳୟ ଓ ଛୋଟବଡ଼ ବଜାର ଅଛି। ଥାନାରେ ଦେବାଶିଷ ପଣ୍ଡା ନୂତନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଡିଏସ୍‌ପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

ପଟ୍ଟାମୁଣ୍ଡାଇ, ୯।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇବାସୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ନୂଆ ସଦର ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ କନଫରେନ୍ସ ଯୋଗେ ସୋମବାର ଉଦ୍‌ଘାଟିତ କରିଛନ୍ତି। ଏସ୍‌ପି ମଡକର ସନ୍ଦିତ ସମ୍ପଦଙ୍କ ପୌରୋହିତ୍ୟ ଓ ଡିଏସ୍‌ପି କୃଷ୍ଣ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ସଂସାରଫଳ ରାଜୀବ ସେବାକେନ୍ଦ୍ରଠାରେ ସଦର ଥାନା ଉଦ୍‌ଘାଟନକୁ ନେଇ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ ଓ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ କହିଲେ, ବ୍ରିଟିଶ ଅମଳରୁ ଥିବା ପଟ୍ଟାମୁଣ୍ଡାଇ ଥାନାଙ୍କୁ ମୁଖ୍ୟମନ୍ତ୍ରୀ ଆଦର୍ଶ ଥାନାର ମାନ୍ୟତା ଦେଇଥିଲେ। କେନ୍ଦ୍ରାପଡ଼ା ଓ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଏହି ଥାନାର କାର୍ଯ୍ୟଭାର ଅଧିକ ଥିବାରୁ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସଦର ଥାନା ପ୍ରତିଷ୍ଠା କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ସଦର ଥାନା ପ୍ରତିଷ୍ଠା ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ପୋଲିସ ଅଧିକାରୀମାନେ ଏହି ଥାନା ଅଧୀନରେ ଥିବା ଲୋକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ଜିଲାପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ବିଡିଓ ଭରତ ଚନ୍ଦ୍ର ପରିଡା, ଉତିକଣ ଚାଷୀ ମୁଲିଆ ସଂଘ ଆବାହକ ଭାସ୍କର ରାଉତରାୟ, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ,ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ, ରାଜନଗର ଥାନା ଆଇଆଇସି ଶ୍ରୀକାନ୍ତ ବାରିକ, ପଟ୍ଟାମୁଣ୍ଡାଇ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂଆ ଥାନା ଅଧୀନରେ ୧୯ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ।


ପଟ୍ଟାମୁଣ୍ଡାଇ ସଦର ଥାନା ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ପ୍ରତାପ ଦେବ ଓ ଅନ୍ୟମାନେ।

# କୃଷ୍ଣାନନ୍ଦପୁର ଫାଣ୍ଡି ଥାନାର ମାନ୍ୟତା ପାଇଲା

ତିର୍ତ୍ତୋଲ, ୮।୧ (ଡି.ଏନ.ଏ.)

ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ କୃଷ୍ଣାନନ୍ଦପୁର ଫାଣ୍ଡିକୁ ଥାନାର ମାନ୍ୟତା ମିଳିଛି। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହି ନୂତନ ଥାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କୃଷ୍ଣାନନ୍ଦପୁର ଥାନା ପରିସରରେ ଆୟୋଜିତ ଉତ୍ସବରେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ରାହୁଲ ପି.ଆର, ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ନୂତନ ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ବେହେରା, ଜଗତସିଂହପୁର ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳଙ୍କ ସମେତ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଓ ବହୁ ଅଞ୍ଚଳବାସୀ ଯୋଗଦେଇଥିଲେ। ମହାନଦୀ-ପାଇକା ଦ୍ୱୀପାଞ୍ଚଳର କୃଷ୍ଣାନନ୍ଦପୁର, ବିଶୁନପୁର କନିମୂଳ, ଦାଇଁଲୋ ଓ ଗୋପାଳପୁର-ଶଙ୍ଖେଶ୍ୱର ଆଦି ୫ଟି ପଞ୍ଚାୟତକୁ ଏହି ନୂତନ ଥାନା ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ପରବର୍ତ୍ତୀ ସମୟରେ ନୋଟିଫିକେଶନ ପରେ ଅଧିକ ଅଞ୍ଚଳକୁ ଏଥିରେ ସାମିଲ କରାଯିବ ବୋଲି ସୂଚନା ମିଳିଛି। ନୂଆ ଥାନା ଅଞ୍ଚଳର ଲୋକମାନଙ୍କ ପାଇଁ ଆଇନଶୃଙ୍ଖଳା ପରିବେଶ ଓ ଉତ୍ତମ ସେବା ଯୋଗାଇଦେବ। ଏଥିରେ ଲୋକମାନେ ସହଯୋଗ କରିବେ ବୋଲି ଏସପି ରାହୁଲ ଆଶାବ୍ୟକ୍ତ କରିଥିଲେ।


ତିର୍ତ୍ତୋଲ ଥାନା ଉଦ୍‌ଘାଟନ ଅବସରରେ ଏସ୍‌ପିଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଡାକ୍ତର-ରୋଗୀ ସମ୍ପର୍କୀୟ ହାତାହାତି

ବ୍ରହ୍ମପୁର ଅଫିସ,୯।୧- ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ସୋମବାର ରାତି ପ୍ରାୟ ୮ଟାରେ ଡାକ୍ତର ଓ ରୋଗୀ ସମ୍ପର୍କୀୟ ମଧରେ ହାତାହାତି ହୋଇଛି। ରୋଗୀ ସେବାକୁ କେନ୍ଦ୍ର କରି ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କ ମଧରେ ଠେଲାପେଲା ହୋଇଥିଲା। ମେଡିକାଲ ଫାଣ୍ଡି ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁସାରେ, ଖଲ୍ଲିକୋଟ ଅଞ୍ଚଳର ଜଣେ ଯୁବକ ତାଙ୍କ ଭଉଣୀଙ୍କୁ ପ୍ରସୂତି ବିଭାଗକୁ ଆଣିଥିଲେ। ଚିକିତ୍ସାରେ ଡାକ୍ତର ବିଳମ୍ବ କରିବାରୁ ଯୁବକ ଜଣକ ବିରକ୍ତି ପ୍ରକାଶ କରି ଭଉଣୀଙ୍କୁ ଅନ୍ୟ ଡାକ୍ତରଖାନାକୁ ନେଇଯିବେ କହି କାଗଜପତ୍ର ମାଗିଥିଲେ। ଏହାକୁ ନେଇ ଡାକ୍ତର ଓ ରୋଗୀ ସମ୍ପର୍କୀୟ ମଧରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି।

### ନାବାଳିକାଙ୍କୁ ଅପହରଣ ନେଇ ଥାନାରେ ଅଭିଯୋଗ

ଗୋପାଳପୁର,୯।୧(ଡି.ଏନ.ଏ.): ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଜଣେ ଯୁବକ ଅପହରଣ କରିଥିବା ନେଇ ଗୋଳନ୍ଥରା ଥାନାରେ ସୋମବାର ଅଭିଯୋଗ ହୋଇଛି। ଦୁମୁଦୁମି ଗ୍ରାମର ଜି.ଲକ୍ଷ୍ମୀଙ୍କ ନାବାଳିକା ଝିଅ ଗତ ୭ ତାରିଖରେ ସାଇକେଲ ଯୋଗେ କନିଷି ହାଟ ପାଖକୁ ଟିୟୁସନ ହେବାକୁ ଆସିଥିଲେ। ସନ୍ଧ୍ୟା ହେଲେ ମଧ ଘରକୁ ଫେରିନଥିଲେ। ପରିବାର ଲୋକ ଆଖପାଖ ଓ ସମ୍ପର୍କୀୟ ଘରେ ଖୋଜିଥିଲେ ମଧ ପାଇନଥିଲେ। ରେଳ ଷ୍ଟେଶନର ସିସି ଫୁଟେଜରୁ ଦୁମୁଦୁମି ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରିନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଲକ୍ଷ୍ମୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ନଂ୧୩/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ଟ୍ରେନରେ ନିଶାଦେଇ ମହିଳାଙ୍କଠାରୁ ସୁନା ଲୁଟ

ପାରଳାଖେମୁଣ୍ଡି,୯।୧(ଡି.ଏନ.ଏ): ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନରେ ରବିବାର କଟକରୁ ଗୁଣପୁର ଆସୁଥିବା ଜଣେ ମହିଳାଙ୍କୁ କୌଣସି ଦୁର୍ବୃତ୍ତ ନିଶାଦେଇ ତାଙ୍କ ସୁନାଗହଣା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ଭି. ଜଗାରାଓଙ୍କ ସ୍ତ୍ରୀ ଶ୍ରୀଲକ୍ଷ୍ମୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚେତା ଫେରିଥିଲେ ସୁଦ୍ଧା ସେ କିଛି କରିପାରୁନାହାନ୍ତି ବୋଲି ତାଙ୍କ ସ୍ୱାମୀ ସୂଚନା ଦେଇଛନ୍ତି। ଶ୍ରୀଲକ୍ଷ୍ମୀ ଝିଅ ଘରକୁ କଟକ ଯାଇ ଟ୍ରେନ ଯୋଗେ ଏକାକୀ ଫେରୁଥିଲେ। ଟ୍ରେନରେ ବସିବା ଠାରୁ ତାଙ୍କ ସ୍ୱାମୀ ଫୋନରେ ଯୋଗାଯୋଗ କରିଥିଲେ । କିନ୍ତୁ ଅପରାହ୍ନ ୧ଟା ପରେ ସେ ଆଉ ଫୋନ ଉଠାଇ ନ ଥିଲେ। ସ୍ୱାମୀ ଜଗାରାଓ ସନ୍ଦେହରେ ଗୁଣୁପୁର ରେଳ ଷ୍ଟେସନରେ ପହଞ୍ଚି ଦେଖିବା ସମୟରେ ଟ୍ରେନଟି ରାଉରକେଲା ଅଭିମୁଖେ ଛାଡି ଦେଇଥିଲା। ପାରଳାଖେମୁଣ୍ଡିରେ ଟି. ଶିବ ପ୍ରସାଦ ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରେନରୁ ଭଉଣୀଙ୍କୁ ଉଦ୍ଧାର କରିଥିଲେ।

### ଭାଟକୁମରଡାକୁ ପୋଷ୍ୟ ଗ୍ରହଣ କଲା ଆୟୁଷ ବିଭାଗ

ପୁରୁଷୋତ୍ତମପୁର,୯।୧(ଡି.ଏନ.ଏ.): ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡା ଗ୍ରାମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆୟୁଷ ବିଭାଗ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆଙ୍କୁଶପୁର ଆୟୁର୍ବେଦ କଲେଜର ଅଧକ୍ଷ ପ୍ରଫେସର ଡା ବିପିନ ବିହାରି ଖୁଣ୍ଟିଆ, ବ୍ଲକ ଅଧକ୍ଷା ପିଙ୍କି ବେହେରା, ଡି. ବିଶ୍ୱନାଥ, ସରପଞ୍ଚ ମନମୋହିନୀ ପଲେଇ, ସମିତିସଭ୍ୟ କୋରାନାଥ ସ୍ୱାଇଁ, ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. ରାମଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ଦାଶ ଯୋଗଦେଇ ଆୟୁର୍ବେଦକ ଚିକିତ୍ସା ଓ ଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ମାସରେ ୭ ଦିନ ଗ୍ରାମରେ କ୍ୟାମ୍ପ କରି ଚିକିତ୍ସା ସେବା ଯୋଗାଇବା ସହ ମାଗଣାରେ ଔଷଧ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା।

# ୭୨ ଘଣ୍ଟା ଭିତରେ ମିଲର ଧାନ ନ ଉଠାଇଲେ କାର୍ଯ୍ୟାନୁଷ୍ଠାନ

- ସମ୍ବଲପୁରର ମିଲର ଧାନକିଣାରେ ହେବେ ସାମିଲ
- ଜିଲାପାଳ ଖୋଲିଲେ ଗୁମର
- ୧୫୩ରୁ ୬୪ ସୋସାଇଟ କିଣି ନାହାନ୍ତି ଧାନ
- ଏଆର୍‌ସିଏସ୍‌ଙ୍କ ରିପୋର୍ଟ ମିଳିବା ପରେ ନିଆଯିବ ପଦକ୍ଷେପ
- ଟୋକନ ଅକାମୀ ହେବାର ଅବଧି ୧ମାସ
- ସାଟେଲାଇଟ ସର୍ଭେ ଧରିଛି ଅଣଧାନ ଜମିର ପ୍ଲଟ
- ୪୫ ହଜାର ପ୍ଲଟକୁ ଜାଲିଆତ କରି ଚାଲିଥିଲା ଧାନକିଣା

ନୟାଗଡ଼ ଅଫିସ,୯।୧


ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ।

ଧାନକିଣାକୁ ନେଇ ନୟାଗଡ଼ ଜିଲାରେ ଆନ୍ଦୋଳନ ଦେଖା ଦେଇଥିବାବେଳେ ଜିଲାରେ ଧାନକିଣା ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। କେତେଜଣ ମିଲର ଟୋକନ ଅବଧି ଚାଲିଯିବାର ଭୟ ଦେଖାଉଥିବା ଜିଲାପାଳ ଏକ ଖବରଦାତା ସମ୍ମିଳନୀ କରି ସ୍ୱୀକାର କରିଛନ୍ତି । ସୋମବାର ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧାନକିଣାର ଗୁମର ଖୋଲିଛନ୍ତି । ଜିଲାରେ ଧାନକିଣା ତ୍ୱରାନ୍ୱିତ ହେଉ ନ ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସମ୍ବଲପୁର ଜିଲାର ୨୦ ମିଲର ଧାନକିଣାରେ ସାମିଲ ହେବାକୁ ଆସୁଛନ୍ତି । ତେବେ କେତେଜଣ ମିଲର ପ୍ରଚାର କରୁଛନ୍ତି ସମ୍ବଲପୁରର ମିଲର ନୟାଗଡ଼ ଆସବେନି । ହେଲେ ସେଥିରେ ସତ୍ୟତା ନାହିଁ । ଚାଷୀଙ୍କୁ ଭୟଭୀତ କରିବାକୁ ମିଲରଙ୍କ ଏହା ଏକ ମିଥ୍ୟା ପ୍ରଚାର ବୋଲି ଜିଲାପାଳ କହିଛନ୍ତି ।

ଜିଲାରେ ୧୫୩ ସୋସାଇଟ୍ ୧୬୭ ଟି ଧାନକ୍ରୟ କେନ୍ଦ୍ର ଖୋଲିଥିବାବେଳେ ସୋମବାର ସୁଦ୍ଧା ୬୪ ସୋସାଇଟ୍ ଆଦୌ ଧାନ କିଣି ନାହାନ୍ତି । ସଂପୃକ୍ତ ସୋସାଇଟ କାହିଁକି ଧାନ କିଣି ନାହାନ୍ତି ସେନେଇ ଏଆରସିଏସ୍, ଡିଆରସିଏସ୍‌ଙ୍କୁ ଅବଗତ କରାଯାଇଛି । ଏପରିକି ଏଆରସିଏସ୍‌ଙ୍କୁ କଡା ଭାଷାରେ ଚିଠି ଲେଖି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି । ଯେଉଁ ସୋସାଇଟି ଧାନ କିଣୁ ନାହାନ୍ତି ଏଆରସିଏସ୍‌ଙ୍କ ରିପୋର୍ଟ ମିଳିବା ପରେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଜିଲାପାଳ କହିଛନ୍ତି । ସେହିପରି ଜିଲାର ସବୁ ସୋସାଇଟି ଧାନ କିଣିବେ । ସୋସାଇଟି ଧାନ କିଣିବାର ୭୨ ଘଣ୍ଟା ଭିତରେ ମିଲର ଧାନ ନ ଉଠାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷେ ଜିଲାପାଳ କହିଛନ୍ତି, ଟୋକନ ଅବଧି ଶେଷ ହେବାର ସମୟ ୧ମାସ ରହିଛି । ଯଦି କେଉଁଠାରେ ଟୋକନ ଅବଧି ଶେଷ ହେବାର ସ୍ୱଳ୍ପ ଦିନ ରହୁଛି ଜିଲାପ୍ରଶାସନ ଏହାର ସମାଧାନ ମାର୍ଗ କାଢ଼ି ଧାନ ବିକ୍ରି କରିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇବ । ତେବେ ଟୋକନ ଅବଧି ସରିବା ପୂର୍ବରୁ ଏହା କରିବାକୁ ପଡିବ । ଅନ୍ୟପକ୍ଷେ ଜାଲିଆତି କରି ଧାନ କିଣା ଯାଉଥିଲା । ସାଟେଲାଇଟ ସର୍ଭେ କିଛି ଧାନକିଣା ଦୁର୍ନୀତିର ଗୁମରକୁ ପଦାରେ ପକାଇଛି । ଜିଲାରେ ୪୫ ହଜାର ପ୍ଲଟ ଅଣଧାନ ଜମି ହୋଇଥିଲେହେଁ ଏହାକୁ ଧାନ ଜମି ଦର୍ଶାଇ ଧାନ କିଣା ଚାଲିଥିଲା ।

ଜିଲାରେ ଡିସେମ୍ବର ୨୩ରେ ଧାନ କିଣାର ଶୁଭାରମ୍ଭ ହୋଇଛି । ୧୪ ଲକ୍ଷ ୨୯ ହଜାର ୬୩୨.୩୫୩ କୁଇଣ୍ଟାଲ ଧାନ ଟାର୍ଗେଟ ଆସିଥିବାବେଳେ ୫୬ ହଜାର ୪୬୨ ଚାଷୀ ନାଁ ପଞ୍ଜୀକରଣ କରିଛନ୍ତି । ଜିଲାରେ ୧୪୨୨ ଚାଷୀଙ୍କ ଠାରୁ ୪୮ ହଜାର ୫୭୧ .୮୫ କୁଇଣ୍ଟାଲ ଧାନ କିଣା ଯାଇଥିବାବେଳେ ୪୦ ହଜାର ୦୭୪ କୁଇଣ୍ଟାଲ ଧାନ ମିଲର ନେଇ ସାରିଛି । ୧୭ ଜଣ ମିଲର ଧାନ କିଣାରେ ସାମିଲ ହୋଇଛନ୍ତି । ଚଳିତ ବର୍ଷ ଭଲ ଧାନ ଫସଲ ହୋଇଛି । ମଣ୍ଡିରେ କଟ୍‌ନୀଛଟ୍‌ନୀ ମନା । କଟ୍‌ନୀଛଟ୍‌ନୀକୁ ଚାଷୀ ବିରୋଧ କରନ୍ତୁ । ଧାନ କିଣା ଯାଞ୍ଚ କରିବାକୁ ସ୍କ୍ୱାଡ୍ ଗଠନ କରାଯାଇଛି । ଅତିରିକ୍ତ ଜିଲାପାଳ ମଣ୍ଡିକୁ ଯାଇ ପରୀକ୍ଷଣ କରୁଛନ୍ତି । ଧାନ ମାନ ପରୀକ୍ଷଣରେ ଅସୁବିଧା ହେଲେ ସେଣ୍ଟରାଲ ସ୍କ୍ୱାଡ୍ ପରୀକ୍ଷଣ କରିବ ବୋଲି ଜିଲାପାଳ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶୋଭରାଜ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ନିଜ ଅଖାରେ ମଣ୍ଡିକୁ ଧାନ ଆଣିବେ ଚାଷୀ

ଅଖା ସମସ୍ୟା ଉପରେ ଜିଲାପାଳ କହିଥିଲେ, ଚାଷୀ ନିଜ ସୁବିଧାରେ ଅଖା ଅଥବା ପ୍ଲାଷ୍ଟିକ ଅଖାରେ ମଣ୍ଡିକୁ ଧାନ ନେବ। ମଣ୍ଡିରେ ଧାନ ଢ଼ାଳି ଦେଲେ ମିଲର ନିଜ ଅଖାରେ ଧାନ ରଖିବ । ଚାଷୀଙ୍କ ଅଖା ଫେରସ୍ତ ହୋଇ ନ ଥିଲେ ସୋସାଇଟ ଅଖା ବସ୍ତା ବାବଦକୁ ୧୦ ଟଙ୍କା ଓ ଜରି ଅଖା ବାବଦକୁ ୫ ଟଙ୍କା ଯୋଗାଇ ଦେବେ । ଚାଷୀ ଅଖା ଅଥବା ଅଖା ବାବଦ ଅର୍ଥ ଯେପରି ପାଇବେ ସେନେଇ ବ୍ୟବସ୍ଥା କରିବାକୁ ସୋସାଇଟି ସମ୍ପାଦକମାନଙ୍କୁ ସ୍ୱତନ୍ତ୍ର ଚିଠି କରାଯାଇଛି । ଏନେଇ ଜିଲାପାଳ ଖବରଦାତା ସମ୍ମିଳନୀରେ ଅତିରିକ୍ତ ନିର୍ଦ୍ଦେଶକ ଖାଦ୍ୟ ଯୋଗାଣ ତଥା ଅତିରିକ୍ତ ଶାସନ ସଚିବଙ୍କ ସ୍ୱାକ୍ଷର ଥାଇ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଚିଠି ଖବରଦାତାମାନଙ୍କୁ ଦେଇଛନ୍ତି । ଜିଲା ଯୋଗାଣ ବିଭାଗ ପକ୍ଷରୁ ସେହି ଚିଠି କେତେଜଣ ଚାଷୀଙ୍କୁ ପ୍ରଦାନ କରାଯାଇଛି ।

# ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ନୀଳମାଧବ ଜୀଉଙ୍କ ମାଘମେଳା ପଡ଼ିଆ ହସ୍ତାନ୍ତର ପ୍ରକ୍ରିୟା**

ଖଣ୍ଡପଡ଼ା,୯।୧(ସ୍ୱ.ପ୍ର.)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ମାଘମଳା ପଡ଼ିଆ ଅନ୍ୟଙ୍କୁ ବିକ୍ରି ତଥା ବିସ୍ଥାପିତମାନଙ୍କୁ ହସ୍ତାନ୍ତର ନ କରିବାକୁ ଖଣ୍ଡପଡ଼ା ତହସିଲ ପ୍ରଶାସନଠାରୁ ଆରମ୍ଭ କରି ନୟାଗଡ଼ ଜିଲାପାଳଙ୍କ ସମେତ ରାଜ୍ୟ ପ୍ରଶାସନକୁ ବିଗତ ୪ ମାସ ହେଲା କଣ୍ଟିଲୋ ଗ୍ରାମବାସୀ ପ୍ରତିବାଦ କରି ଆସୁଥିଲେ। ମାତ୍ର ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ଜନସାଧାରଣ ପ୍ରତିକ୍ରିୟା ପ୍ରକାଶ କରିଥିବା ଜଣାଯାଇଛି। ଗ୍ରାମସଭାର ନିଷ୍ପତ୍ତି ଓ ପୂର୍ବ ସୂଚନାକ୍ରମେ ସୋମବାର ପୂର୍ବାହ୍ନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ପ୍ରସ୍ତୁତ ହେଉଥିଲା। ଜିଲାପାଳ ସାହୁଙ୍କ ପରାମର୍ଶକ୍ରମେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ସାହୁ, ତହସିଲଦାର ପାର୍ଥ ସାରଥୀ ହାଁସଦା, ବିଡ଼ିଓ ଅରୁଣୀମା ସାହୁ, ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ଉପସ୍ଥିତିରେ ମାଘମେଳା ସୁରକ୍ଷା ଅଭିଯାନ କମିଟିର ସଦସ୍ୟମାନଙ୍କୁ ନେଇ ଏକ ମିଳିତ ଆଲୋଚନା ହୋଇଥିଲା। ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ମାଘମେଳା ପଡିଆ ହସ୍ତାନ୍ତର ପ୍ରକ୍ରିୟା ସ୍ଥଗିତ ରଖିବାକୁ ପ୍ରତିଶ୍ରୁତି ଦେବା ସହ ସରକାରଙ୍କ ଅର୍ଥ ବ୍ୟବସ୍ଥା ହେବା ପରେ ଜନଶୁଣାଣି କରି ବିସ୍ଥାପିତ ପରିବାରଙ୍କୁ ଥଇଥାନ ବ୍ୟବସ୍ଥା ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଜିଲାପାଳ ସାହୁ ସୂଚନା ଦେଇଥିଲେ। ଜିଲାପାଳଙ୍କଠାରୁ ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ସମୟରେ ବ୍ଲକ ପ୍ରଶାସନ ସହିତ ମାଘମେଳା ପଡିଆ ସୁରକ୍ଷା ଅଭିଯାନ କମିଟି ସଭ୍ୟାସଭ୍ୟ ପ୍ରଭାକର ଶିରୋମଣି, ଜିଲା ପରିଷଦ ସଦସ୍ୟା ଉଜଳ ମହାରଣା, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ଶରତ ଚନ୍ଦ୍ର ମହାରଣା, ଅଖିଳ କୁମାର ମହାରଣା, ସୁରେନ୍ଦ୍ରନାଥ ସାହୁ, ଶ୍ରୀପତି ମହାରଣା, ପ୍ରମୋଦ ଦଳେଇ, ରାଜ କିଶୋର ସାହୁ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ କଣ୍ଟିଲୋ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଓ ଶ୍ରମିକ ଗୋଷ୍ଠୀର ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

### ସ୍ମାର୍ଟକେମ୍ କମ୍ପାନୀକୁ ବିରୋଧ ଜାରି

ଛତ୍ରପୁର,୯।୧(ଡି.ଏନ୍.ଏ.)

ଛତ୍ରପୁର ତହସିଲ ଅଧୀନ କାଳିପଲ୍ଲୀଠାରେ ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ସ୍ମାର୍ଟକେମ୍ ଟେକ୍ନୋଲଜି କମ୍ପାନୀ ସ୍ଥାପନକୁ ବିରୋଧ ହେବାରୁ କାମ ବନ୍ଦ ରହିଛି । ଏହି ସାର କାରଖାନା ସ୍ଥାପନକୁ ପୂର୍ବଭଳି ବିରୋଧ ଜାରି ରହିବ ବୋଲି ଗାଁ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷରେ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ମୁମ୍ବାଇସ୍ଥିତ ତାଲୋଜା ପ୍ଲାଣ୍ଟ ପରିଦର୍ଶନ ପାଇଁ ପଠାଇବାକୁ ଗାଁ କମିଟିକୁ ଉପଜିଲାପାଳଙ୍କ ପକ୍ଷରୁ ଗତ ୩୦ ତାରିଖରେ ପ୍ରସ୍ତାବ ଦିଆଯାଇଥିଲା । ସେଠାକୁ କେହି ଯିବେନି ବୋଲି ମଧ ଉକ୍ତ ଆଲୋଚନା ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ୧୦ ଦିନ ମଧ୍ୟରେ କମ୍ପାନୀ ଏଠାରୁ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସରଞ୍ଜାମ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଛତ୍ରପୁର ଉପଜିଲାପାଳଙ୍କୁ ଲିଖିତ ଜଣାଇ ଦିଆଯାଇଥିବା କାଳିପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ବି.ମୋହନ ପାତ୍ର ସୋମବାର ସୂଚନା ଦେଇଛନ୍ତି। ସେପଟେ ଉକ୍ତ କମ୍ପାନୀ ବିରୋଧରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ ହୋଇଛି । ତେଣୁ କମ୍ପାନୀ ସ୍ଥାପନ କାର୍ଯ୍ୟ ଆରମ୍ଭ ନେଇ ଅନିଶ୍ଚିତତା ଦେଖାଦେଇଛି । ସୂଚନାଯୋଗ୍ୟ, ପୂର୍ବରୁ ଏହି କମ୍ପାନୀ କାର୍ଯ୍ୟ ଆରମ୍ଭ ନେଇ ଛତ୍ରପୁର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକରୁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା । ଏପରିକି ପରେ ଗାଁରେ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ହୋଇଥିବା ଆଲୋଚନା ବୈଠକ ମଧ ବିଫଳ ହୋଇଥିଲା। କମ୍ପାନୀ ହେଲେ ସେଥିରୁ ନିର୍ଗତ ହେବାକୁ ଥିବା ବିଷାକ୍ତ ଗ୍ୟାସରେ କାଳିପଲ୍ଲୀ, ଚମାଖଣ୍ଡି ଆଦି ପଞ୍ଚାୟତର ୨୦ ଖଣ୍ଡ ଗାଁର ଲୋକେ ପ୍ରଭାବିତ ହେବେ।

# ଅଭିଯୁକ୍ତଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡ

- ଗୋଠବଣ ସଶସ୍ତ୍ର ଡକାୟତି ମାମଲା
- ୧୬ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ

ଓଡ଼ଗାଁ,୯।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ଗୋଠବଣ ଗ୍ରାମରେ ୧୨ ଅଗଷ୍ଟ ୨୦୧୯ରେ ଘଟିଥିବା ସଶସ୍ତ୍ର ଡକାୟତି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୬ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ରଣପୁର ଥାନା ନୂଆ ସୁକଳ ଗ୍ରାମର ଦଣ୍ଡୁ ଓରଫ ଦିନବନ୍ଧୁ ମହାରଣା (୩୬)ଙ୍କ ସହିତ ଅନ୍ୟ ୪ ଡକାୟତ ଘଟଣାଦିନ ବିଳମ୍ବିତ ରାତିରେ ଭଗବାନ ଷଡ଼ଙ୍ଗୀଙ୍କ ଘରେ ପଶି ବନ୍ଧୁକ ସହିତ ନାନା ମାରଣାସ୍ତ୍ର ଦେଖାଇ ନଗଦ ୩୦ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ଗହଣା, ତେଜରାତି ସାମଗ୍ରୀ, ବଢେଇ ସରଞ୍ଜାମ, ୨ ମୋବାଇଲ ସହିତ ୨ ବାଇକ୍ ନେଇଯାଇଥିଲେ । ଏନେଇ ଦିନବନ୍ଧୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୪/୨୦୧୯)ରୁଜୁ କରିଥିଲା। ଏପରିସ୍ଥଳେ ତଦନ୍ତକାରୀ ଅଧିକାରୀ ବିଭିନ୍ନ ଦିଗରୁ ତଦନ୍ତ କରିବା ସହିତ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଦିନବନ୍ଧୁଙ୍କୁ ୭।୯।୨୦୧୯ରେ ଗିରଫ କରିଥିଲା । ଏଥି ସହିତ ଅନ୍ୟ ସମସ୍ତ ୪ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ସୋମବାର ସ୍ଥାନୀୟ ସହକାରୀ ଦୌରାଜଜ୍ ଶିବାଶିଷ ଗିରି ଏହି ମାମଲାକୁ ବିଚାର କରି ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଓ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ବିଭିନ୍ନ ଦଫାରେ ୧୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୬ ହଜାର ଟଙ୍କା ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦାୟେ ୧ ବର୍ଷ ଅତିରିକ୍ତ ସଶ୍ରମ କାରାଦଣ୍ଡାଦେଶ ଧାର୍ଯ୍ୟ କରାଯାଇଛି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଯଜ୍ଞନାରାୟଣ ପାତ୍ର ଓ ସୁରେନ୍ଦ୍ର କୁମାର ସେନାପତି ପରିଚାଳନା କରୁଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଖଣ୍ଡପଡ଼ା,୯।୧(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ହାଟମୁଣ୍ଡ ପାଟଣା ଜନକଲ୍ୟାଣ କ୍ଲବ ପରିସରରେ ରବିବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୪୩ ଜଣ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ କଟକ ବିଡାନାସୀ ମର୍ଡର୍ଣ୍ଣ ଆଇ କେୟାର କ୍ଲିନିକରେ ୮ଜଣ ରୋଗୀଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ରେଶମା ପରଜିନ ଓ କୃତିବିକା ନାୟକ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଦଶପଲ୍ଲା, ୯।୧( ଡି ଏନ ଏ )



ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଡିହଗାଁ ଗ୍ରାମରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତିସଭ୍ୟ ଧ୍ରୁବଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ବରୁଣ କୁମାର ପାତ୍ରଙ୍କ ସମେତ ଗାଁର ୱାର୍ଡ଼ ମେମ୍ବର ଗୋବିନ୍ଦ ପ୍ରଧାନ, ଏମ୍.ବି.କେ ବିଜୟଲକ୍ଷ୍ମୀ ପାତ୍ର, ଭି.ଏଲ୍.ଡବ୍ଲ୍ୟୁ ମନୋରମା ଜେନା, ଜି.ପି.ଏଲ୍.ଏଫ୍ ସଭାପତି ରୋଜତା ଦେହୁରୀ, ସମ୍ପାଦକ ସନ୍ଧ୍ୟାରାଣୀ ନାଏକ, ଭଲ୍ୟୁଣ୍ଟର ହରିହର ବେହେରା, ଅଶୋକ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ଆୟୋଜନରେ ଭଲିବଲ୍ ସମେତ ବିଭିନ୍ନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଭିନ୍ନକ୍ଷମ ରକ୍ତଦାନ ଶିବିର

ଶରଣକୁଳ,୯।୧(ଡି.ଏନ.ଏ.)

ଶରଣକୁଳ ନିକଟସ୍ଥ ବାଉଁଶିଆ ଗାଁରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ରୟ ପକ୍ଷରୁ ଭିନ୍ନକ୍ଷମମାନଙ୍କ ରକ୍ତଦାନ ଶିବିରର ଓ କବି ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଶ୍ରୟର ପ୍ରତିଷ୍ଠାତା ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୁସ୍ଥ ଓ ଅସହାୟ ଭିନ୍ନକ୍ଷମମାନଙ୍କ ସେବାରେ ଆଶ୍ରୟର ସମର୍ପିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସାଧାରଣ ଲୋକମାନଙ୍କ ତୁଳନାରେ ଭିନ୍ନକ୍ଷମମାନଙ୍କର କାର୍ଯ୍ୟ କରିବାର ଦକ୍ଷତା ଅଧିକା ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ପ୍ରଫୁଲ୍ଲ ନାହାକ, ରାମକୃଷ୍ଣ ମହାରଣା, ଅନିଲ ପ୍ରଧାନ, ଆନନ୍ଦ ଚନ୍ଦ୍ର ପାଢୀ, ଦିଲୀପ କୁମାର ସାହୁ, ଭାଗ୍ୟରଥି ସାହୁ ଓ ଆଶ୍ରୟର କାଶୀ ମାଷ୍ଟର ଦାସକାଠିଆ ନୃତ୍ୟ ମାଧମରେ ଜନସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟନାରାୟଣ ମିଶ୍ର, କବି ସୁରେଶ ଚନ୍ଦ୍ର ବରାଡ, ସାହିତ୍ୟିକ ବ୍ରଜକିଶୋର ମହାପାତ୍ର, ଅଧାପକ ଭାବଗ୍ରାହୀ କର ପ୍ରମୁଖ ଉପସ୍ଥିତ ଥିଲେ।


ଭିନ୍ନକ୍ଷମମାନେ ରକ୍ତଦାନ କରୁଛନ୍ତି।

# ଗଞ୍ଜାମ କଲେଜ ଲାଏନ୍ସ ଚାମ୍ପିୟନ

ଗଞ୍ଜାମ,୯।୧(ଡି.ଏନ.ଏ.)


ବିଜୟୀ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଉଛି।

**ଗଞ୍ଜାମ ପ୍ରେସ୍ କ୍ଲବ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ**

ଗଞ୍ଜାମ ପ୍ରେସ୍ କ୍ଲବ ପକ୍ଷରୁ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନିଷ୍ଟାଡିୟମରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲ ଟାଇଗରକୁ ଫାଇନାଲ ମ୍ୟାଚ୍‌ରେ କଲେଜ ଲାୟନ୍ସ ଟିମ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ଟସ ଜିତି ତହସିଲ ଟାଇଗର କଲେଜ ଲାୟନ୍ସକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ଶିବ ଶଙ୍କରଙ୍କ ଅର୍ଦ୍ଧ ଶତକ ଇଂନ୍ସିରେ ୧୧୨ ରନ କରିଥିଲା। ପଛରେ ବ୍ୟାଟିଂ କରି ତହସିଲ ଟାଇଗର୍ସ ଅଧିନାୟକ ଅରୁଣ କୁମାର ନାୟକଙ୍କ ବ୍ୟାଟିଂ ସତ୍ତ୍ୱେ ୪ ଉଇକେଟରେ ୧୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଉଦଯାପନି ସମାରୋହରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ଓ ଏଡିଏମ୍ ଲିନା କୁମାରୀ ଖେସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉଇନର ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ, ସନାତନ ବେହେରା, ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଯୋଗଦେଇ ଉତ୍ତମ କ୍ରୀଡା ପ୍ରଦର୍ଶନ କରିଥିବା କ୍ରିକେଟରଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମେଚର ମେଇନ ଅଫ ଦା ମ୍ୟାଚ୍ ଓ ମେଇନ ଅଫ ଦା ସିରିଜ ଗଞ୍ଜାମ କଲେଜ ଟିମର ଶିବ ଶଙ୍କରଙ୍କୁ ପ୍ରଦାନ କରାଯାଇଥିବା ବେଳେ ବେଷ୍ଟ ବୋଲର ଭାବେ ତହସିଲଦାର ଅରୁଣ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟ ପ୍ରାରମ୍ଭରେ ପୂର୍ବାହ୍ନ ସମୟରେ ବିଶ୍ୱକପ ହକିର ପ୍ରଚାର ପ୍ରସାର ପାଇଁ ସମସ୍ତ ଖେଳାଳି ଓ ଛାତ୍ରୀଛାତ୍ର ମାନଙ୍କୁ ନେଇ ଷ୍ଟାଡିୟମରୁ ବାହାରି ସହର ମୁଖ୍ୟ ରାସ୍ତା ପରିକ୍ରମା କରାଯାଇଥିଲା।

# ନିଷିଦ୍ଧାଞ୍ଚଳରେ ଚାଲିଛି ଟ୍ରଲର, କଇଁଛ ମରୁଛନ୍ତି

**ମାଛ ବ୍ୟବସାୟୀଙ୍କ କବ୍‌ଜାରେ ଗହୀରମଥା**

- ରିପୋର୍ଟଠାରୁ ଅଧିକ ମଲେଣି ଅଲିଭ୍ ରିଡ୍‌ଲେ
- ପାଟ୍ରୋଲିଂ ବୋଟ୍ ଖରାପ, ଜବତ ବୋଟ୍ ଶୀଘ୍ର ମିଳୁଛି

କେନ୍ଦ୍ରାପଡ଼ା ଅଫିସ,୯।୧

ବିଶ୍ୱ ପ୍ରସିଦ୍ଧ ଗହୀରମଥା ଅନ୍ତୁଡ଼ିଶାଳରେ ଦ୍ରୁତଗତିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହେଉଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳର ମାଦଳିରେ ଏକ ଏନ୍‌ଜିଓର ସଦସ୍ୟମାନେ ୨୦ ମୃତ କଇଁଛ ଦେଖିବା ପରେ ବାଲିରେ ରବିବାର ପୋତିଛନ୍ତି। ଅପରପକ୍ଷରେ ନିଷିଦ୍ଧାଞ୍ଚଳରେ ବୋଟ୍, ଟ୍ରଲର ପଶି ଆସିଥିବା ଦର୍ଶାଇ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉଛି। କଟକଣାର ୨ମାସ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ବୋଟ୍, ଟ୍ରଲର ଜବତ ହୋଇଛି। କଟକଣା ସତ୍ତ୍ୱେ ଏହି ନିଷିଦ୍ଧାଞ୍ଚଳ ମାଛ ବ୍ୟବସାୟୀଙ୍କ କବଳକୁ ଚାଲିଯାଇଛି। ପାଟ୍ରୋଲିଂ ବୋଟ୍ ଖରାପ ହୋଇଥିବା ବେଳେ ଜବତ ବୋଟ୍, ଟ୍ରଲରଗୁଡ଼ିକ କୋର୍ଟରୁ ତୁରନ୍ତ ଖଲାସ ହେଉଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ପ୍ରକାର ଅସୁରକ୍ଷିତ ହୋଇପଡ଼ିଛି ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ୨୦୨୨ ନଭେମ୍ବରରୁ ଆସନ୍ତା ମେ ମାସ ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳକୁ ବିରଳ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷା ବାହିନୀ ପକ୍ଷରୁ ସମୁଦ୍ର ମଧ୍ୟରେ କଇଁଛଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ତେବେ ଏହି ନିଷିଦ୍ଧାଞ୍ଚଳ ମଧ୍ୟରେ ହାଟ ବସୁଥିବା ବେଳେ ମାଛଧରା ସୁରୁଖୁରୁରେ ଚାଲିଛି। ଏହି ବେଆଇନ କାର୍ଯ୍ୟ ପାଇଁ ପ୍ରତିବର୍ଷ କୋଟିଏରୁ ଅଧିକ ଟଙ୍କା ଡିଲ୍ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। ପରିବେଶବିତ ରମେଶ ଚନ୍ଦ୍ର ଜେନା କହିଛନ୍ତି, ବୋଟ୍, ଟ୍ରଲର ଚଳାଚଳ ଫଳରେ ସଂଖ୍ୟାଧିକ ଅଲିଭ୍ ରିଡ୍‌ଲେ କଇଁଛର ମୃତ୍ୟୁ ହୋଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍) ବ୍ୟବହାର ହେଉନାହିଁ। ସେହିପରି ୬କୋଟି ଟଙ୍କା ବ୍ୟୟରେ କ୍ରୟ ହୋଇଥିବା ବନ ବିଭାଗର ୨ ବୋଟ୍ ମଧ୍ୟରୁ ଗୋଟିଏ ଖରାପ ହୋଇ ଦୀର୍ଘଦିନ ଧରି ପଡ଼ିରହିଛି। ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ୍ ,ଟ୍ରଲର ଛାଡ଼ପାଉ ନ ଥିଲେ। ଏବେ ଜବତ ବୋଟ୍, ଟ୍ରଲରଗୁଡ଼ିକ କୋର୍ଟରୁ ତୁରନ୍ତ ରିଲିଜ ହେଉଥିବାରୁ ମାଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି। ସାମୁଦ୍ରିକ ଜୀବ ସୁରକ୍ଷା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି। ବାବୁବାଲି, ମାଦଳି, ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ବନ ବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସୁରକ୍ଷା ଯୋଗାଇବା କଥା। ତେବେ ଏଥିନେଇ କୌଣସି ତତ୍ପରତା ନାହିଁ। ପରିବେଶବିତ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ହରଚଣ୍ଡୀ ତଟାଞ୍ଚଳକୁ ଅଲିଭ୍ ରିଡ୍‌ଲେ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ ମସିହାରୁ ଏହି ଅଞ୍ଚଳରେ ସମୂହ ଅଣ୍ଡାଦାନ ହେଉନାହିଁ। ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ଅଲିଭ୍ ରିଡ୍‌ଲେ ବିରଳ କଇଁଛ ପ୍ରାପ୍ତ ବୟସ୍କ ହେଉଥିବାରୁ ଏହାର ସୁରକ୍ଷା ନିହାତି ଜରୁରୀ। ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡ଼ି ଘେରି ଅଲିଭ୍ ରିଡ୍‌ଲେଙ୍କ ପାଇଁ ବିପଦ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଫିସର ମାନସ ଚନ୍ଦ୍ର ଦାସଙ୍କୁ ପଚାରିବାରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ୨ ମାସ ମଧ୍ୟରେ ୨୦ ବୋଟ୍, ଟ୍ରଲର ସମେତ ଶତାଧିକ ବେଆଇନ ପ୍ରବେଶକାରୀଙ୍କୁ ଗିରଫ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ହେଉଛି ବୋଲି ସେ କହିଛନ୍ତି।


ବନ ବିଭାଗ ପକ୍ଷରୁ ସମୁଦ୍ର ନିଷିଦ୍ଧାଞ୍ଚଳରୁ ଏକ ଟ୍ରଲରକୁ ଜବତ କରାଯାଉଛି।



# ପାରାଦୀପ କରାଟେ ଆସୋସିଏଶନକୁ ୧୬ ପଦକ

**ଖେଲୋଇଣ୍ଡିଆ ଚାମ୍ପିୟନଶିପ**

- ୨ ସ୍ୱର୍ଣ୍ଣ,୨ ରୌପ୍ୟ, ୧୨ଟି ବ୍ରୋଞ୍ଜ ମିଳିଲା

ପାରାଦୀପ, ୯।୧(ସ୍ୱ.ପ୍ର.)

କୋଲକାତା ଦାସନଗର ଆଲାରାମ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋଇଣ୍ଡିଆ ଚାମ୍ପିୟାନଶିପ ରବିବାର ଶେଷ ହୋଇଛି। ଏଥିରେ ଭାଗ ନେଇଥିବା ପାରାଦୀପ କରାଟେ ଆସୋସିଏଶନର ଛାତ୍ରୀଛାତ୍ର ୧୬ଟି ପଦକ ଜିତିଛନ୍ତି। ସେଥିରେ ୨ ସ୍ୱର୍ଣ୍ଣ,୨ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ରହିଛି। କୋଚ୍ କାହ୍ନୁ ମଲ୍ଲିକ ଓ ରେଫରି ଅମରଜ୍ୟୋତି ରାଉତଙ୍କ ନେତୃତ୍ୱରେ ୧୩ ଜଣ ବାଳିକା,ବାଳକ ଏହି ଚାମ୍ପିୟନଶିପରେ ଭାଗ ନେଇଥିଲେ। ପ୍ରୀତିଶ ପାଲ ୨ଟି ସ୍ୱର୍ଣ୍ଣ ପାଇଥିବା ବେଳେ ଶ୍ରୀନଙ୍ଗା ସାଇବୈଷ୍ଣବ ଓ ସେକ୍ ଅବଦୁଲ ରହିମ ରୌପ୍ୟ ପଦକ ପାଇଛନ୍ତ। ସେହିପରି ବିନାୟକ ଚନ୍ଦ୍ର ମହାରଣା, ସରସ୍ୱତୀ ବିଭୁସ୍ମିତା ପ୍ରିୟଦର୍ଶିନୀ, ଶୁଭଶ୍ରୀ ପ୍ରଧାନ, ମାନସ ଡୋରା, ଇସାଦ ମହାନ୍ତି, ମନସ୍ୱିନୀ ରାଉତ, ସଚିନ ଦାସ,ସେଖ୍ ଅବଦୁଲ କଲାମ ପ୍ରମୁଖ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି କ୍ରୀଡାରେ ପିଲାମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି ବୋଲି କୋଚ ମଲ୍ଲିକ ସୂଚନା ଦେଇଛନ୍ତି।



ରାଜ୍ୟର ପ୍ରଥମ ଯାଜପୁର ଜିଲାସ୍ତରୀୟ ମିଶନଶକ୍ତି ଭବନ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ରାଜ୍ୟର ପ୍ରଥମ ଜିଲାସ୍ତରୀୟ ମିଶନ ଶକ୍ତି ଭବନ ଉଦ୍‌ଘାଟିତ

**ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ଯାଜପୁର ଟାଉନ,୯।୧(ଡି.ଏନ.ଏ.)

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ତଥା ଗୌତମବୁଦ୍ଧ ସଂସ୍କୃତି ଭବନ ନିକଟରେ ରାଜ୍ୟର ପ୍ରଥମ ଜିଲାସ୍ତରୀୟ ମିଶନ ଶକ୍ତି ଭବନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ସୋମବାର ଉଦ୍‌ଘାଟନ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର , ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ବିଭାଗୀୟ ସଚିବ ସୁଜାତା କାର୍ତ୍ତିକେୟନ, ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ , ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବସ୍ତିଆ, ୩୦ଜିଲାର ଜିଲା ଓ ବ୍ଲକ୍ ଫେଡେରେଶନ୍‌ର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୫୦ ଲକ୍ଷ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ୧କୋଟି ୨୫ ଲକ୍ଷ ସୁଧ ରିହାତି ପ୍ରଦାନ କରାଯାଇଥିଲା। ଏହି ରିହାତି ସୁଧ ଏପ୍ରିଲ ୨୨ରୁ ନଭେମ୍ବର ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇଛି। ମହିଳାମାନଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଥମ ଜିଲାସ୍ତରୀୟ ମିଶନ ଶକ୍ତି ଭବନ ଉଦ୍‌ଘାଟନ କରିଛନ୍ତି । ଏହି ଭବନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ପ୍ରଦର୍ଶିତ କରାଯାଇ ବିକ୍ରି କରାଯିବ। ଏହି ଗୃହରେ ଏକ ବିକ୍ରୟ କେନ୍ଦ୍ର ରହିଥିବାବେଳେ ଆଗକୁ ଆମାଜନ୍ ଓ ଫ୍ଲିପ୍‌କାର୍ଟ ମାଧ୍ୟମରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଉପରୋକ୍ତ ସାମଗ୍ରୀ ବିକ୍ରୟ କରାଯିବା ପାଇଁ ଯୋଜନା ରହିଛି। ଏଠାରେ ମହିଳା ସ୍ୱୟଂସହାୟିକା ସଦସ୍ୟାଙ୍କ ପାଇଁ ଏକ ତାଲିମ କେନ୍ଦ୍ର ରହିଥିବାବେଳେ ଦକ୍ଷତା ବିକାଶ , ଆର୍ଥିକ ସାକ୍ଷରତା ଭଳି ବିଭିନ୍ନ ସରକାରୀ ଯୋଜନା ଉପରେ ତାଲିମ ପ୍ରଦାନ କରାଯିବ। ଏହି ଗୃହରେ ଏକ ସିଲେଇ କେନ୍ଦ୍ର ଓ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ରହିଛି। ପୂର୍ବରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଛୋଟ ଛୋଟ ଉଦ୍ୟୋଗ ଯଥା ବଡ଼ି, ପାମ୍ପଡ଼, ଆଚାର, ଅଗରବତୀ ଭଳି ଉତ୍ପାଦନ କରୁଥିବାବେଳେ ଏବେ ଧାନ ଚୋପାକୁ ବ୍ୟବହାର କରି ପ୍ଲେଟ୍ ପ୍ରସ୍ତୁତ କରି ପ୍ଲାଷ୍ଟିକ ପ୍ଲେଟ୍‌ର ବିକଳ୍ପ ହୋଇପାରିଛି। ଏବେ ମହିଳାମାନଙ୍କ ଦ୍ୱାରା ପାନ୍ଥନିବାସ, କଲ୍ୟାଣମଣ୍ଡପକୁ ପରିଚାଳନା କରୁଛନ୍ତି। ଉଦ୍‌ଘାଟନ ସମୟରେ ଯାଜପୁର ଜିଲାକୁ ମୁଖ୍ୟମନ୍ତ୍ରୀ ଦେଢ଼ କୋଟି ଟଙ୍କା ଋଣ ବଣ୍ଟନ କରିଥିଲେ।

ଏହି ଅବସରରେ ଯାଜପୁର ଜିଲାର ସମସ୍ତ ଏମ୍‌ପି, ବିଧାୟକ ଓ ମନ୍ତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଏମ୍‌ପି ଶର୍ମିଷ୍ଠା ସେଠୀ, ସୁଲତା ଦେଓ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଯାଜପୁର ବିଧାୟକ ତଥା ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ସୁନନ୍ଦା ଦାସ, ବିଧାୟକ ଅଶୋକ ବଳ, ବିଧାୟକ ପ୍ରଣବ ବଳବନ୍ତ ରାୟ, ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।


ଖେଲୋଇଣ୍ଡିଆ ଚାମ୍ପିୟାନଶିପରେ ପଦକ ପାଇଥିବା ପାରାଦୀପର କୃତି ପ୍ରତିଯୋଗୀ।

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: କୃଷ୍ଣାନନ୍ଦପୁର ଚାମ୍ପିୟନ

ତିର୍ତ୍ତୋଲ,୯।୧(ଡି.ଏନ.ଏ.)

କୃଷ୍ଣାନନ୍ଦପୁର ବିଜେଡି ଯୁଥ କମିଟି ପକ୍ଷରୁ ତିର୍ତ୍ତୋଲ ବ୍ଲକର ପାଇକା କୂଳ ନଦୀପଠା ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ବିଜୁ ମେମୋରିଆଲ ଦିବାରାତ୍ର ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣାନନ୍ଦପୁର ଚାମ୍ପିୟନ ହୋଇଛି। ଖେଳରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କଟକ ଏବଂ କୃଷ୍ଣାନନ୍ଦପୁର ଟିମ୍ ମଧ୍ୟରେ ହୋଇଥିଲା। ଉଭୟ ସମାନ ସଂଖ୍ୟକ ଗୋଲ ସ୍କୋର କରିଥିଲେ। ଶେଷରେ ପେନାଲିଟି ଜରିଆରେ କୃଷ୍ଣାନନ୍ଦପୁର ଟିମ୍ ବିଜୟୀ ହୋଇଛି। ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପିଆର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟା ରଞ୍ଜିତା ସିଂ ରନର୍ସ ଅପ୍ ଟ୍ରଫି ଦେଇଥିଲେ। କମିଟିର ସଭାପତି ନିର୍ମଳ ଚରଣ ଜେନା, ଉପସଭାପତି ମିର୍ଜା ଫୁଲଉଦ୍ଦିନ, ସମ୍ପାଦକ ସେକ ଅଲିମ ବକ୍ସ, ସହ ସମ୍ପାଦକ ସଲିମ ନୱାଜ, କୋଷାଧ୍ୟକ୍ଷ ସେକ ବରକତ ଅଲ୍ଲୀ, ସେକ କରିମ ବକ୍ସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସମଗ୍ର ବିଶ୍ୱକୁ ନୂତନ ଦିଗ୍‌ଦର୍ଶନ ଦେଇଛି ଭାରତ

**ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି**

ଡେରାବିଶ,୯।୧(ସ୍ୱ.ପ୍ର.)

ସମଗ୍ର ବିଶ୍ୱକୁ ଭାରତ ନୂତନ ଦିଗ୍‌ଦର୍ଶନ ଦେଇଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି। ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତ ଦୋହଲିସ୍ଥିତ ବନମାଳୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଛନ୍ତି, ସମଗ୍ର ବିଦ୍ୟା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ନମ୍ରତା ଓ ବିନୟ ଭାବ ଶିକ୍ଷା ଦେଇଥାଏ। ଭାରତୀୟ ସଂସ୍କୃତି ଉପରେ ଆଲୋକପାତ କରି ରାଜ୍ୟପାଳ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ଉପରେ ନିଜର ବକ୍ତବ୍ୟ ରଖି ନିଜର ସତୀତ୍ୱ ବଳରେ ଯମରାଜାଙ୍କ ପାଖରୁ ସ୍ୱାମୀ ସତ୍ୟବାନଙ୍କୁ ଫେରିପାଇଥିଲେ। ଯମରାଜା ସତ୍ୟବାନଙ୍କ ସହ ବୈକୁଣ୍ଠକୁ ସାବିତ୍ରୀଙ୍କୁ ନେଇଯିବା ପାଇଁ କହିଥିଲେ ମଧ୍ୟ ମାଟି ବୈକୁଣ୍ଠ ବିଶ୍ୱକୁ ମୁଁ ବୈକୁଣ୍ଠ ଭାବୁଛି ବୋଲି ସାବିତ୍ରୀଙ୍କ ଯୁକ୍ତି ନିକଟରେ ଯମରାଜା ହାର ମାନିଥିଲେ। ତେବେ ରାମାୟଣ, ମହାଭାରତ ଓ ଭଗବତ ଗୀତା ଉପରେ ନିଜର ବକ୍ତବ୍ୟ ରଖି ସମାଜକୁ ଶୃଙ୍ଖଳିତ କରିବା ପାଇଁ ଏହାର ପ୍ରଭାବ କିପରି ରହିଛି ଏହା ଉପରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ତେବେ ସମଗ୍ର ବିଶ୍ୱର ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱକୁ ଉଦ୍ଧୃତ କରି ସମସ୍ତଙ୍କ ମଧ୍ୟରେ ସ୍ନେହ, ପ୍ରେମ, ଭ୍ରାତୃତ୍ୱ ଭାବନା ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି। ଆମେରିକାର ଶିକାଗୋରେ ଯୁବ ପ୍ରାଣର ଉତ୍ସ ସ୍ୱାମୀ ବିବେକାନନ୍ଦଙ୍କ ଭାଇ ଭଉଣୀ ସମ୍ବୋଧନ ଭାରତକୁ ସମଗ୍ର ବିଶ୍ୱରେ ଗର୍ବିତ କରିଥିଲା ବୋଲି ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ ଏହି ପ୍ଲାଟିନମ ଜୁବିଲି ଉତ୍ସବରେ ସଂସଦର ସଭାପତି ବିଧୁଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ରବୀନ୍ଦ୍ର ମୋହନ ସେନାପତି ଯୋଗଦେଇ ଶିକ୍ଷାର ଆଲୋକବର୍ତ୍ତିକା ପାଇଁ ଶୃଙ୍ଖଳାବୋଧ ଓ କର୍ତ୍ତବ୍ୟବୋଧ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ତଥା ପୁରାତନ ଛାତ୍ର ସଂସଦର ଉପସଭାପତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ ନିଜର ବକ୍ତବ୍ୟ ମାଧ୍ୟମରେ ତାଙ୍କ ଛାତ୍ର ଜୀବନର ସ୍ମୃତି ବଖାଣିବା ସହ ଆଦର୍ଶ ବିଦ୍ୟାଳୟର ଜଣେ ପ୍ରାକ୍ତନ ଛାତ୍ର ହୋଇଥିବାରୁ ସେ ନିଜକୁ ସବୁ ସମୟରେ ଗର୍ବ ଅନୁଭବ କରୁଥିବା କହିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର ସଂସଦର ସମ୍ପାଦକ ନାରାୟଣ ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୁନି ବୈଜ୍ଞାନିକ ତଥା ବିଦ୍ୟାଳୟର କୃତୀ ଛାତ୍ରୀ ଚିଜ୍ଞାସା ମିଶ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିବା ସହ ଅନ୍ୟ କୃତୀ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶୈଳ


@ ସୁଶ୍ରୀ ସ୍ୱରଣିକା


@ ଦୀପକ


@ ପଦ୍ମଲୋଚନ


@ ଅମାନତ ଅଲ୍ଲୀ


@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ଅଭିଯୋଗର ତଦନ୍ତ

ରଘୁନାଥପୁର,୯।୧(ଡି.ଏନ୍.ଏ.):

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ୧୫ ଜଣ ଜବ୍‌କାର୍ଡଧାରୀ ପ୍ରାପ୍ୟ ପାଇ ନ ଥିବାବେଳେ ୪,୨୫,୧୩୦ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ସୋମବାର ଅମ୍ବୁଡସ୍‌ମ୍ୟାନ ରମେଶ ଚନ୍ଦ୍ର ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ୧୨ ଦିନ କାର୍ଯ୍ୟରୁ ମାତ୍ର ୩ ଦିନର ମଜୁରି ମିଳିଥିବା ନେଇ ପୂର୍ବରୁ ପ୍ରମୋଦ ଦଳେଇ, ସନ୍ତୋଷ କୁମାର ରାଉତ ଓ ମାନସ ରଞ୍ଜନ ନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ଅମ୍ବୁଡସ୍‌ମ୍ୟାନ ବେହେରା ଏ ସମ୍ପର୍କିତ ଫାଇଲ ତଦନ୍ତ କରିବା ବେଳେ ସେମାନଙ୍କ ମଜୁରି ଅକାଉଣ୍ଟକୁ ପଠା ଯାଇଥିବା ଜଣାପଡ଼ିଥିଲା। ସେହିପରି ସ୍କୁଲ ପାଚେରି, ଡ୍ରେନ, ଖେଳପଡ଼ିଆ ଓ ସ୍କୁଲ ପରିସରରେ ଥିବା ପୋଖରୀ ନିର୍ମାଣରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଛି। ଏଥିରେ ବ୍ଲକର କେତେଜଣ ଅଧିକାରୀ ସମ୍ପୃକ୍ତ ଥିବା ନେଇ ନାରାୟଣ ନାୟକ ଓ ସମିତିସଭ୍ୟା ପୂଜାଲତା ଦାସ ଅଭିଯୋଗ କରିଥିଲେ। ଏ ନେଇ ବେହେରା ଜିଆରଏସ୍ ଆଶୁତୋଷ ରାଉତ, ପିଇଓ ବିଶ୍ୱଜିତ ମହାପାତ୍ର, ସରପଞ୍ଚ ସୁଷମା ମଲ୍ଲିକ ଓ ତାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଆଲୁମ୍ନି ସଭାପତି ଅନ୍ତର୍ଯାମୀ ରାଉତଙ୍କୁ ଡାକି ପଚାରି ଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପର ଫାଇଲକୁ ଯାଞ୍ଚ କରିଥିଲେ। ତଦନ୍ତ ବେଳେ ବ୍ଲକ ସହକାରୀ ଯନ୍ତ୍ରୀ ସରପିଲ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଇନ୍ଦ୍ର ତନୟା ସାମଲ, ସିପି ସୁନୀଲ ମହାପାତ୍ର, ଦାୟିତ୍ୱରେ ଥିବା ଏପିଓ ସତ୍ୟବୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଟ୍‌ନିଛଟ୍‌ନି, ଧାନକିଣା ବିଳମ୍ବର ବିସ୍ଫୋରକ ରୂପ

ନୟାଗଡ ଅଫିସ,୯।୧



ଜିଲାପାଳ କାର୍ଯ୍ୟାଳୟ ଫାଟକ ବନ୍ଦ କରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି।



ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ଜିଲାପାଳ କାର୍ଯ୍ୟାଳୟ ଫାଟକରେ ଚାଷୀ ତାଲା ପକାଇଲେ
- ଜିଲା ଯୋଗାଣ ଅଧିକାରୀଙ୍କ ସହ କଥା କଟାକଟି
- ଚାଷୀଙ୍କୁ ବୁଝାଇ ଆଠ ଦିନ ସମୟ ମାଗିଲେ ଜିଲାପାଳ
- ଖବରଦାତା ସମ୍ମିଳନୀ କରି ଚାଷୀଙ୍କୁ କରାଇବେ ଅବଗତ
- ସମ୍ବଲପୁରରୁ ମିଲର ଆସି ଧାନ ଉଠାଇବାର ଦେଲେ ପ୍ରତିଶ୍ରୁତି

ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଏକଜୁଟ ହୋଇ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳର ଫାଟକରେ ତାଲା ଝୁଲାଇ ଦେଇଥିଲେ। ଜିଲାପାଳ, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଭିତରେ ଥିବାବେଳେ ଫାଟକରେ ତାଲା ପକାଇ ବେଆଇନ କଟନିଛଟନି ଓ ବିଳମ୍ବରେ ଧାନକିଣାକୁ ନେଇ ନାରାବାଜୀ କରିଥିଲେ। ଖବରପାଇ ଜିଲା ଯୋଗାଣ ଅଧିକାରୀ ତିଲୋତମା ପ୍ରଧାନ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଜିଲା ଯୋଗାଣ ଅଧିକାରୀଙ୍କ ସହ ଚାଷୀଙ୍କ କଥା କଟାକଟି ବଢ଼ି ଚାଲିଥିଲା। ପରିସ୍ଥିତି ଶାନ୍ତ ପଡିବା ପରିବର୍ତ୍ତେ ଉତ୍ତେଜନା ବଢ଼ି ଚାଲିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ନିଜେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଚାଷୀଙ୍କ ସମସ୍ୟାକୁ ଜିଲାପାଳ ଧାନର ସହ ଶୁଣିଥିଲେ। ଚାଷୀ କିପରି ଧାନ କିଣାରେ ହଇରାଣ ଓ ମିଲର ମନମାନି କରୁଛନ୍ତି ତାହା ବୁଝିଥିଲେ। ଜିଲାପାଳ ଚାଷୀଙ୍କୁ ୮ ଦିନ ସମୟ ମାଗିଥିଲେ, କହିଥିଲେ ଅପେକ୍ଷା କରନ୍ତୁ। ଆପଣଙ୍କର ଧାନ ନଷ୍ଟ ହେବନି। ଏହି ୮ ଦିନ ମଧ୍ୟରେ ସମ୍ବଲପୁରରୁ ମିଲର ଆସି ଧାନ କିଣିବେ। ଜିଲାରେ କଟନିଛଟନି ହେବନି। ଧାନକିଣା ଠିକ୍‌ରେ ହେବ। ଟୋକନର ଅବଧି ଯିବନି। ଏପରି କି ଚାଷୀଙ୍କ ଦାବିକୁ ମାନି ନେଇ ଖବରଦାତା ସମ୍ମିଳନୀ କରି ଧାନକିଣାର ପ୍ରକୃତ ତଥ୍ୟ ଚାଷୀମାନଙ୍କୁ ଅବଗତ କରାଯିବାକୁ ପ୍ରତିଶ୍ରୁତି ଦେଲେ। ପରେ ଚାଷୀମାନେ ଫାଟକରୁ ତାଲା ଖୋଲି ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇଥିଲେ।

ଅନ୍ୟପକ୍ଷେ ଜିଲାପାଳ ଚାଷୀଙ୍କୁ ବୁଝାଇଥିଲେ, କାର୍ଯ୍ୟାଳୟର ଗେଟରେ ତାଲା ପକାଇ ବନ୍ଦ କରିବା ବେଆଇନ। ଯାହାକି କୋର୍ଟ ବାରଣ କରିଛନ୍ତି। ଆଇନକୁ ହାତକୁ ନେବା ଠିକ୍ ନୁହେଁ। ଯାହା କିଛି ଅସୁବିଧା ଅଛି ଜିଲା ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନେବାକୁ ଜଣାଇଥିଲେ। ତେବେ ଜିଲାରେ କଟନି ଛଟନି ନେଇ ମିଲରଙ୍କ ଜୋର ଜୁଲମ ଓ ଧାନ କିଣା ବିଳମ୍ବର ବିସ୍ଫୋରକ ରୂପ ଚାଷୀ ସେମାବାର ସକାଳେ ଦେଖାଇଥିଲେ। ଖଣ୍ଡପଡ଼ାରେ ହେବାକୁ ଥିବା ଜିଲାପାଳଙ୍କ ଜନଶୁଣାଣିକୁ ଜିଲାପାଳ ଯିବାରେ ଏଣୁ ବିଳମ୍ବ ହୋଇଥିଲା। ପ୍ରକାଶ ଯେ, ଜିଲାରେ ୨୦୨୨ ଡିସେମ୍ବର ୨୩ରୁ ଧାନ କିଣାର ଶୁଭାରମ୍ଭ ହୋଇଛି। ଏହାପରଠାରୁ ଜିଲାର ଚାଷୀମାନେ ଧାନ ବିକ୍ରି କରି ନ ପାରି ହଇରାଣ ହୋଇ ଆସୁଛନ୍ତି। ଏ ନେଇ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ରଣଜିତ ଦଳବେହେରା କୁହନ୍ତି, ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆମେ ଧାରଣା ଓ ବିକ୍ଷୋଭ ପ୍ରତ୍ୟାହାର କରି ନେଲୁ। ଆମର ସମସ୍ୟାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଲୁ। ଜିଲାପାଳ ଖଣ୍ଡପଡ଼ା ଅଭିଯୋଗ ଶୁଣାଣିକୁ ଯିବାକୁ ବ୍ୟସ୍ତ ହେଉଥିବାରୁ ଆମେ ଉପଜିଲପାଳଙ୍କୁ ଭେଟିଥିଲୁ। ଆମ ସମସ୍ୟା ସମାଧାନ ନ ହେଲେ ଚାଷୀ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ଦଶପଲ୍ଲା,୯।୧( ଡି.ଏନ.ଏ. ): ଦଶପଲ୍ଲା ସାତପାଟଣାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ସାହୁଙ୍କର ୧୦୪ବର୍ଷ ବୟସରେ ସୋମବାର ପରଲୋକ ହୋଇଛି। ସ୍ୱର୍ଗତ ସାହୁ ଯୁବାବସ୍ଥାରେ ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମ ଏବଂ ସ୍ଥାନୀୟ ପ୍ରଜା ଆନ୍ଦୋଳନରେ ଯୋଗଦେଇ ରାଜତନ୍ତ୍ରର ରୋଷର ଶିକାର ହୋଇଥିଲେ। ଫଳରେ ତାଙ୍କୁ ବିଭିନ୍ନ ସ୍ଥାନରେ ଥିବା ଅସ୍ଥାୟୀ ଜେଲ୍‌ରେ ରଖାଯାଇ ନିର୍ଯାତନା ଦିଆଯାଉଥିଲା। ସ୍ୱାଧୀନତା ପ୍ରାପ୍ତି ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ମିଳିଥିଲା। ତାଙ୍କର ୨ପୁଅଙ୍କ ମଧ୍ୟରୁ ବଡପୁଅ ଗ୍ରାମ ଶ୍ମଶାନରେ ତାଙ୍କୁ ମୁଖାଗ୍ନି ଦେଇଛନ୍ତି। ତାଙ୍କର ଶେଷ ଦର୍ଶନ ଲାଗି ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚିଥିଲେ।

### ଦଶପଲ୍ଲାର କୁଜାମେଣ୍ଡି ଅଞ୍ଚଳରେ ତୁଷାରପାତ



ଦଶପଲ୍ଲା,୯।୧( ଡି.ଏନ.ଏ.): ବଣ ଜଙ୍ଗଲ ପରିବେଷ୍ଟିତ ଦଶପଲ୍ଲାରେ ଏବେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଦଶପଲ୍ଲାର ଅନେକ ଅଞ୍ଚଳରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବାବେଳେ, କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ସେଲସିୟସ ତଳକୁ ଖସିଛି। ଫଳରେ ଏହା ସାଧାରଣ ଜୀବନକୁ ପ୍ରଭାବିତ କରିଛି। କଳସାଖମଣ, ଚଢେୟାପଲ୍ଲୀ, ନୂଆଗାଁ, କୁଜାମେଣ୍ଡି, ବାଣୀଗୋଛା ପ୍ରଭୃତି ପାହାଡ଼ିଆ ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଥିବା ବେଳେ ରାତିର ତାପମାତ୍ରା ୮ ଡିଗ୍ରୀ ସେଲସିୟସ୍ ତଳେ ରହୁଛି। ବିରିଗଡ଼, ପାନାବାରୀ, ତାବେଡା, ଗାଡିଆପଡା, ଶିରିଶିରା, ଭଳି କେତେକ ପାହାଡିଆ ଅଞ୍ଚଳରେ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ୍‌ରୁ ମଧ କମ୍ ରେକର୍ଡ କରାଯାଇଛି। ସୋମବାର ହାଲୁକା ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଅତ୍ୟଧିକ ଥଣ୍ଡା ପାଗ ହେତୁ ଗରିବ ଶ୍ରେଣୀର ଲୋକମାନେ କାମଧନ୍ଦାକୁ ମଧ ଯାଇ ନ ପାରି ରୋଜଗାର ହରାଉଥିବା ଦେଖିବାକୁ ମିଳୁଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା, ଆଦିବାସୀ, ଗରିବ ଲୋକମାନେ ଶୀତବସ୍ତ୍ରର ଅଭାବ ଯୋଗୁ ,ନିଆଁ ପୋଉଁଥିବା ଦେଖିବାକୁ ମିଳିଛି।

### ୧୫ ଲକ୍ଷର ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର ଅଫିସ, ୯।୧: ଘର ସାମଗ୍ରୀ ସ୍ଥାନାନ୍ତର ବେଳେ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଘରୁ ଚୋରି ହୋଇଛି। ଖୋଡ଼ାସିଂ ଅଞ୍ଚଳରେ ରହୁଥିବା ବିଭୁପ୍ରସାଦ ଖାଡ଼ଙ୍ଗାଙ୍କ ଅଭିଯୋଗକ୍ରମେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଖୋଡ଼ାସିଂ ଅଞ୍ଚଳର ରାମକୃଷ୍ଣନଗର ୭ମ ଗଳିରେ ଖାଡଙ୍ଗା ରୁହନ୍ତି। ସେ ଗତ ୪ ତାରିଖରେ ଘର ପରିବର୍ତ୍ତନ ଲାଗି ସମସ୍ତ ସାମଗ୍ରୀ ସ୍ଥାନାନ୍ତର କରୁଥିଲେ। ଏହି ସମୟରେ ତାଙ୍କ ଘରେ ରଖିଥିବା ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗକୁ କୌଣସି କାମରେ ବାହାରକୁ ଯିବା ବେଳେ ଘରେ ରଖିଥିଲେ। ତାକୁ କେହି ଦୁର୍ବୃତ୍ତ ନେଇ ଯାଇଛନ୍ତି।

# ଶାଳଗଛ କାଟି କାଠ ଛାଡ଼ି ମାଫିଆ ପଳାଇଲେ

ନୂଆଗାଁ, ୯।୧ (ଡି.ଏନ.ଏ.)



କଟା ଯାଇଥିବା ବିରାଟ ଶାଳ ଗଛ।

- ରଗଡ଼ିମଡ଼ା ସଂରକ୍ଷିତ ଜଙ୍ଗଲ
- ଫରେଷ୍ଟ ଗାର୍ଡ଼ କ୍ୱାର୍ଟରରେ ରହୁ ନ ଥିବା ଅଭିଯୋଗ

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ରଗଡିମଡା ସଂରକ୍ଷିତ ଜଙ୍ଗଲରୁ ରବିବାର ରାତିରେ ସିମିଳିସାହି ସ୍କୁଲ ପଛ ପାଖରୁ ବିଶାଳ ଶାଳ ଗଛ କଟା ଯାଇଛି। ଗଛ କାଟି ପକାଇ ସାରିଥିଲେ ମଧ ମାଫିଆ କାଠ ନେବାରେ ଅସମର୍ଥ ହେବାରୁ ଛାଡି ପଳାଇ ଯାଇଥିଲେ। ସେହି କାଠକୁ ସୋମବାର ବନ ବିଭାଗ ଜବତ କରି ନିଜ ଅକ୍ତିଆରକୁ ଆଣିଛି।

ମହିପୁର ବନାଞ୍ଚଳକୁ କାଠ ମାଫିଆ ଏକ ପ୍ରକାର ନିଜ ଅକ୍ତିଆରରେ ରଖିଛନ୍ତି। ନିର୍ଭୟରେ ଜଙ୍ଗଲ ଭିତରେ ପଶି ଇଛା ମୁତାବକ ବିଶାଳ ମୂଲ୍ୟବାନ ଗଛ କାଟି ଗାଡି ଯୋଗେ ବାହାରକୁ ବିକ୍ରି କରିବାକୁ ନେଉଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ ବନ ବିଭାଗ କାଠ ମାଫିଆକୁ ଧରିବାରେ ବିଫଳ ହେଉଛି। ଜଙ୍ଗଲରୁ ଗଛ କାଟି କାଠ ମାଫିଆ ନେଉଥିବା ସମୟରେ ବନ ବିଭାଗ କର୍ମଚାରୀ ପହଞ୍ଚି ୨୦୨୨ ନଭେମ୍ବର ୧ ରେ ୪ ଗୋଟି ବିଶାଳ ଶାଳ ଗଣ୍ଡି ସହ ଗୋଟିଏ ପିକ୍‌ଅପ୍ ଭ୍ୟାନ ଜବତ କରିବାରେ ମହିପୁର ବନ ବିଭାଗ ସଫଳ ହୋଇଥିଲା। ହେଲେ କାଠ ମାଫିଆ ଖସିଯାଇଥିଲେ। କିନ୍ତୁ କାଠ ମାଫିଆକୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁ କହିଥିଲେ। ହେଲେ କାଠ ମାଫିଆକୁ ଧରିବା ତ ଦୂରର କଥା ଜଙ୍ଗଲକୁ ସୁରକ୍ଷା ନ କରି ପାରିବାରୁ ପୁଣି ଥରେ ମାଫିଆ ରାଜ କରିଛନ୍ତି। ବନ ବିଭାଗ ପାଟ୍ରୋଲିଂ କରୁଥିବା ଜାଣି ମାଫିଆ କାଠ ଛାଡି ପଳାଇଥିବା ଖାଲମଡା ଫରେଷ୍ଟ ଗାର୍ଡ ଅର୍ଦ୍ଧେନ୍ଦୁ ପରିଡା କହିଛନ୍ତି। ଖାଲମଡା ଗାଁର ସୁଶାନ୍ତ ପରିଡା, କୈଳାସ ସ୍ୱାଇଁଙ୍କ ସମେତ ଅନ୍ୟମାନଙ୍କ କହିବାନୁସାରେ, ଖାଲମଡା ବିଟ ହାଉସରେ ଫରେଷ୍ଟ ଗାର୍ଡ ରହିବା ପାଇଁ କ୍ୱାର୍ଟର ନିର୍ମାଣ କରାଯାଇଛି। ହେଲେ ଫରେଷ୍ଟ ଗାର୍ଡ ସେଠାରେ ରହୁ ନ ଥିବା କାରଣରୁ ବାରମ୍ବାର କାଠ ଚୋରି ହେଉଛି। ଗ୍ରାମବାସୀଙ୍କଠାରୁ ଏପରି ଶୁଣି ମୁଁ ଯଦି ରହୁନି ତେବେ ମୋତେ ଏଠାରୁ ବଦଳି କରି ଦିଅ ବୋଲି ଅଭିଯୋଗକାରୀଙ୍କ ସହ ଯୁକ୍ତି ବାଢିଥିଲେ ଫରେଷ୍ଟ ଗାର୍ଡ ଅର୍ଦ୍ଧେନ୍ଦୁ ପରିଡା। କାଠ ଚୋରି ବାବଦରେ ମହିତମା ଫରେଷ୍ଟର ରାକେଶ କୁମାର ସାହୁଙ୍କୁ ପଚାରିବାରେ ଆମେ ପାଟ୍ରୋଲିଂରେ ଯାଉଥିବା ଜାଣି କାଠ ମାଫିଆ ଖସି ପଳାଇଲେ। ତେଣୁ ଆମେ ସେହି କାଠକୁ ଜବତ କରି ବିଟ୍ ହାଉସ୍‌କୁ ଆଣିଛୁ ବୋଲି କହିଥିଲେ ।

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

ପୁରୁଷୋତ୍ତମପୁର, ୯।୧ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଧୋବାପଲ୍ଲୀ ଗ୍ରାମରେ ସୋମବାର ଯୌତୁକ ଲାଗି ସ୍ତ୍ରୀଙ୍କର ତଣ୍ଟିଚିପି ସ୍ୱାମୀ ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ମାମା ସ୍ୱାଇଁ। ଏଥିନେଇ ମୃତ ମହିଳାଙ୍କ ବାପା ପୋଲିସରେ କରିଥିବା ଲିଖିତ ଅଭିଯୋଗକୁ ନେଇ ନଂ. ୧୬/୨୩ରେ ମାମଲା ରୁଜୁ କରିଛନ୍ତି। ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମର ଧୋବା ପଲେଇଙ୍କ ଝିଅ ମାମା ୩ ବର୍ଷ ତଳେ ଧୋବାପଲ୍ଲୀ ଗ୍ରାମର ରଞ୍ଜିତ ସ୍ୱାଇଁଙ୍କୁ ବିବାହ କରିଥିଲେ। ରଞ୍ଜିତ ଅଧିକ ୪୦ ହଜାର ଟଙ୍କା ଦାବିକରି ନିର୍ଯାତନା ଦେଉଥିଲେ। ରଞ୍ଜିତ ଗତ ୪ଦିନ ତଳେ ସୁରଟରୁ ଫେରି ପୁଣି ନିର୍ଯାତନା ଦେଇଥିଲେ। ରବିବାର ରାତିରେ ଏକ ଗାମୁଛାରେ ସ୍ତ୍ରୀ ତଣ୍ଟିକୁ ବାନ୍ଧି ଚିପି ହତ୍ୟା କରିଛନ୍ତି। ସକାଳୁ ପରିବାର ଲୋକେ ଉଠି ଏହା ଦେଖିବାକୁ ପାଇ ଗ୍ରାମରେ ଜଣାଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ, ଆଇଆଇସି ଓ ତଦନ୍ତକାରୀ ଅଫିସର ଘଟଣାସ୍ଥଳରୁ ମୃତଦେହ ଜବତ କରି ପଞ୍ଚନାମା କରିଛି।

# ମେଲୋଡି, ସିନେ କଳାକାରଙ୍କ ଅଭିନୟ ମନ ମୋହିଲା



କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଉଛି।

- ରଣପୁର ମହୋତ୍ସବ ଅର୍ଜ୍ଜୁନ ଉଦ୍‌ଯାପିତ
- ୫ ଦିନରେ ୭୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟବସାୟ

ରଣପୁର, ୯।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବାଘସାମନ୍ତ ମିନି ଷ୍ଟାଡିୟମର ମୁକ୍ତ ଆକାଶ ରଙ୍ଗମଞ୍ଚରେ ୧୬ତମ ରଣପୁର ମହୋତ୍ସବ ଅର୍ଜୁନ ସୋମବାର ଉଦ୍‌ଯାପନୀ ସାନ୍ଧ୍ୟାରେ ମେଲୋଡି ଓ ସିନେକଳାକାରଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ୫ଦିନ ମହୋତ୍ସବରେ ବିଭିନ୍ନ ଦୋକାନ ଓ ଷ୍ଟାଲରେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଜଣାଯାଇଛି। ଶୀତୁଆ ପାଗରେ ମଧ ରାତି ପର୍ଯ୍ୟନ୍ତ ଦର୍ଶକମାନେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମହୋତ୍ସବ ଉଦ୍‌ଯାପନୀ ହୋଇଥିବାରୁ ବିଭିନ୍ନ ଦୋକାନ ଓ ଷ୍ଟାଲଗୁଡିକରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଘର କରଣା ସାମଗ୍ରୀକୁ ଲୋକମାନେ କିଣୁଥିବା ଦେଖିବାକୁ ମିଳୁଥିଲା। ବିଭିନ୍ନ ଜଳଖିଆ ଓ ଚଟପଟି ଦୋକାନରେ ଲୋକମାନେ ଖାଦ୍ୟର ମଜା ନେଇଥିଲେ। ମହୋତ୍ସବରେ ପଡ଼ିଥିବା ରାମଦୋଳି ବିଭିନ୍ନ ପ୍ରକାର ଖେଳର ମଜା ଯୁବବର୍ଗଠାରୁ ପିଲାମାନେ ମଜା ଉଠେଇଥିଲେ। ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ ଓ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ମୁଖ୍ୟବକ୍ତା କୋରେଇ ପୂର୍ବତନ ବିଧାୟକ ଆକାଶ ଦାସନାୟକ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଓଡ଼ଗାଁ ଜିଲା ପରିଷଦ ସଭ୍ୟ ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜକ ତଥା ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଏଥିରେ ସଭାପତିତ୍ୱ କରିଥିଲେ। ଡ. ପ୍ରଶାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ କଳା ବିଦ୍ୟା ନିକେତନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅତିଥିମାନେ 'ରଣଶ୍ରୀ' ପୁସ୍ତକ ଉନ୍ମୋଚିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପରିଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କ ସହିତ ରଣପୁର ଅଞ୍ଚଳର ହକି ଖେଳାଳି ଛାତ୍ରୀଛାତ୍ରମାନଙ୍କୁ ମଞ୍ଚରେ ଅତିଥି ମାନେ ସମ୍ମାନିତ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସତ୍ୟ ନାରାୟଣ ମହାପାତ୍ର ସାଂସ୍କୃତିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଅପରାହ୍ନ ୩ଟାଠାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରିଥିଲେ। ମୀନ ବଜାର ଓ ଦୋଳି ପଡ଼ିଥିବା ସ୍ଥାନରେ ବହୁ ସଂଖ୍ୟାରେ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ପୋଲିସ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୈଳ



@ ସୁଶ୍ରୀ ସ୍ୱରଣିକା



@ ଦୀପକ



@ ପଦ୍ମଲୋଚନ



@ ଅମାନତ ଅଲ୍ଲୀ



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ଖଣ୍ଡପଡା,୯।୧ (ସ୍ୱ.ପ୍ର.)

ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ସୋମବାର ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିରେ ୧୮୪ଟି ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୨ଟି ଗ୍ରାମ୍ୟ ସମସ୍ୟା, ୨୨ଜଣ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ଆବେଦନ କରିଥିଲେ। ସମୁଦାୟ ୨୦୮ଟି ଅଭିଯୋଗରୁ ୭୪ଟି ତୁରନ୍ତ ସମାଧାନ ହୋଇଥିବା ଜିଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଲେଖ ପହି, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁ, ତହସିଲଦାର ପାର୍ଥ ସାରଥୀ ହାଁସଦା, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବ୍ଲକ ପ୍ରଶାସନର ବିଭିନ୍ନ ବରିଷ୍ଠ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

